## ସୀମା ଟପିଲା ନିଷ୍ଠୁରତା

# କାଟିଦେଲେ ଗଛ; ମରିଗଲେ ଶତାଧିକ ବଗ ଓ ଛୁଆ




ଜଗନ୍ନାଥପ୍ରସାଦ,୭ ।୮ (ସମିସ): ଜଗନ୍ନାଥପ୍ରସାଦ ରାଜ୍ୟ ରାଜପଥ ଥାନା ନିକଟ ମୁଖ୍ୟ ରାସ୍ତାରେ ଏକ ତେନ୍ତୁଳି ଗଛରେ ଶତାଧିକ ବଗପକ୍ଷୀ ଅନେକ ଦିନ ଧରି ବସାବାନ୍ଧି ଥିଲେ। ଗୁରୁବାର ଅଚାନକ ଏହି ଗଛଟିକୁ କାଟି ସଫା କରି ଦିଆଯାଇଛି। ଫଳରେ ଶହ ଶହ ଛୁଆ ବଗପକ୍ଷୀ ଓ ବଗ ମରିଯାଇଛନ୍ତି। କେତେକ ରାସ୍ତାରେ ମରି ପଡିଛନ୍ତି ଓ ଅନେକ ମରି ଗଛରେ ଝୁଲି ରହିଛନ୍ତି। ଏ କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ନାପସନ୍ଦ କରିଛନ୍ତି। ବର୍ଷା ଦିନେ ବଗପକ୍ଷୀମାନେ ଛୁଆ ଜନ୍ମ କରିଥାନ୍ତି। ତେଣୁ କିଛି ଦିନ ପରେ ଗଛ କାଟିବା କଥା। ବର୍ତ୍ତମାନ କିଏ ନିର୍ଦ୍ଦେଶ ଦେଲା ବୋଲି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ପ୍ରକୃତିପ୍ରେମୀ। ଏନେଇ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ତାଙ୍କୁ ନ ଜଣାଇ ବିନା ପରାମର୍ଶରେ ଅବୈଧ କଟା ଯାଉଥିବା କହିଛନ୍ତି। ତେବେ ପୂର୍ତ୍ତ ବିଭାଗ କିମ୍ବା ରାସ୍ତା ପ୍ରଶସ୍ତିକରଣ ଯୋଗୁ ପୂର୍ବରୁ ବଡ଼ବଡ଼ ଗଛକୁ କାଟି ଦିଆଯାଇଛି ଏବଂ ଏହାକୁ ମଧ କାଟି ଥାଇପାରନ୍ତି ବୋଲି ଜଣାପଡିଛି।

## ଶେରଗଡ଼ରେ ବାଟବଣା ସ୍ୱଚ୍ଛ ଭାରତ ମିଶନ

# ପାଇଖାନା ସାଜିଛି ଷ୍ଟୋର୍‌ରୁମ୍; ବାହାରେ ମଳତ୍ୟାଗ

ଶେରଗଡ଼,୭ ।୮ (ସମିସ)



ସାମ୍ପ୍ରତିକ ସ୍ଥିତିରେ ସ୍ୱଛତାକୁ ମଣିଷର ପ୍ରଥମ ଚାବିକାଠି ବୋଲି କୁହାଯାଉଛି। ଏହା ଗଞ୍ଜାମର ଗ୍ରାମାଞ୍ଚଳରେ ଦେଖିବାକୁ ମିଳୁନି। କିଛି ପଞ୍ଚାୟତରେ ଏବେ ବି ରାସ୍ତା ଉପରେ ମଳତ୍ୟାଗ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରୁଛି। ସ୍ୱଛଭାରତ ଯୋଜନାରେ ସରକାରଙ୍କ ପକ୍ଷରୁ ଲୋକଙ୍କୁ ସାମିଲ କରି ପାଇଖାନା ଯୋଗାଇଥିଲେ ହେଁ ତାହା ଷ୍ଟୋରରୁମରେ ପରିଗଣିତ ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ଶେରଗଡ଼ ବ୍ଲକରେ ଲକ୍ଷ୍ୟ କରାଯାଇଛି। ଏହି ବ୍ଲକ ଓ ସଦରମହକୁମାରେ ବାଟବଣା ହୋଇଛି ସ୍ୱଚ୍ଛ ଭାରତ ମିଶନ। ଯେଉଁ ମହତ୍ତ୍ୱ ଉଦ୍ଦେଶ୍ୟ ରଖି ସରକାର ପ୍ରତି ପରିବାରକୁ ପାଇଖାନା ପ୍ରଦାନ କରିଥିଲେ ତାହା ସାଧିତ ହୋଇନି। ମାତ୍ର ବର୍ଷ କେଇଟାରେ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ବାଟ ହୁଡିଛି। କେଉଁଠି ପାଇଖାନା ଭାଙ୍ଗିରୁଜି ଗଲାଣି ତ ଆଉ କେଉଁଠି ଷ୍ଟୋର ରୁମ ପାଲଟିଛି। କେଉଁଠି ପାଇଖାନା ଭିତରେ ଜାଳେଣି ଗଦା ହୋଇଥିବା ବେଳେ ଆଉ କେଉଁଠି ପରିତ୍ୟକ୍ତ ହୋଇ ପଡିଛି। ସରକାରୀ ଅନୁଦାନ ମିଳିଛି ବୋଲି ଲୋକେ ଘରେ ସିନା ପାଇଖାନା ତିଆରି କରିଦେଲେ। ହେଲେ ଲୋକଙ୍କ ମାନସିକତା ବଦଳିଲାନି। ଗାଁରୁ ସହର, ଅଧିକାଂଶ ଢାଳ ଧରି ପଡିଆ ମୁହାଁ ହେଉଛନ୍ତି। କେଉଁ ଉପାନ୍ତ ଅଞ୍ଚଳ ନୁହେଁ, ଶେରଗଡ ସହରରେ ପ୍ରତିଦିନ ଏଭଳି ଚିତ୍ର ଦେଖିବାକୁ ମିଳୁଛି। ସରକାରୀ ତଥ୍ୟ ମୁତାବକ, ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ବ୍ଲକରେ ୧୪୫୭୭ ପରିବାର ଶୌଚାଳୟ ପାଇଛନ୍ତି। ଆରମ୍ଭରୁ ମାସ କେଇଟା ଲୋକେ ଏହି ପାଇଖାନା ବ୍ୟବହାର କରିଥିବା ବେଳେ ଅଧିକାଂଶ ପରିବାରରେ ସତେ ଯେମିତି ଅଲୋଡା ହୋଇପଡିଛି। ଶେରଗଡ ସହରଠାରୁ ବ୍ଲକର ବିଭିନ୍ନ ପଞ୍ଚାୟତର ଯୁଆଡେ ଦେଖିଲେ ଲୋକମାନେ ଶୌଚ ଲାଗି ପଡିଆ, ନାଳ, ପୋଖରୀ କୂଳକୁ ମୁହାଁଉଛନ୍ତି। ଏମିତିକି ବ୍ଲକ ଖୋଲା ମଳମୁକ୍ତ ବ୍ଲକ ଘୋଷଣା ହୋଇଥିବା ବେଳେ ଶେରଗଡର ସ୍ଥିତି ସଙ୍ଗୀନ। ଶେରଗଡ ସହରର ୮୦ରୁ ଉର୍ଦ୍ଧ୍ୱ ପ୍ରତିଶତ ପରିବାର ପାଇଖାନା ବ୍ୟବହାର କରୁଥିବା ବେଳେ ବ୍ଲକର ଗୋବିନ୍ଦପୁର, ଧନନ୍ତର, ଗୋଠଗାଁ, ଧବଳପୁର, ଠୁରୁବୁରାଇ, ନରେନ୍ଦ୍ରପୁର, କୁଲାଗଡ, ବନ୍ଧାଗୁଡା, ଖିରିଡା ଆଦି ପଞ୍ଚାୟତର ଅନେକ ଲୋକ ପଡିଆ ଓ ନାଳକୁ ଧାଉଁଛନ୍ତି। ବ୍ଲକରେ ୧୪୫୭୭ ପରିବାରକୁ ପାଇଖାନା ପ୍ରଦାନ କରାଯାଇଛି। ସରକାର ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପ୍ରତି ପରିବାରକୁ ପାଇଖାନା ଯୋଗାଇ ଦେଇଥିଲେ। ସାଢେ ୩ଫୁଟିଆ ଚଟାଣ, ୭ ଫୁଟ ଉଚ୍ଚତାର ଘର ସାଙ୍ଗକୁ ଟାଙ୍କି ବସାଇ ଦେଲେ। ସରକାରୀ ଅନୁଦାନରେ ମାଗଣାରେ ପାଇଖାନା ମିଳୁଥିବାରୁ ଯିଏ ଯେଉଁଠି ପାରିଲା ସେ ଜାଗାରେ ପାଇଖାନା ତିଆରି କରିଥିଲା।

ନିର୍ମାଣ ପରେ ଲୋକେ ଆଉ ଖୋଲାମେଲାରେ ମଳତ୍ୟାଗ କରିବେ ନାହିଁ ବୋଲି ଆଶା କରାଯାଉଥିଲା। ମାତ୍ର ମାସ କେଇଟା ପରେ ଯଥା ପୂର୍ବଂ ତଥା ପରଂ ସ୍ଥିତି। ଅଧିକାଂଶ ଲୋକ ଏହି ସରକାରୀ ପାଇଖାନା ବ୍ୟବହାର ନକରି ଖୋଲା ମେଲାରେ ମଳତ୍ୟାଗ କରି ପରିବେଶକୁ ନଷ୍ଟ କରୁଛନ୍ତି। ସଚେତନର ଅଭାବ ହେଉ କି ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନ ଆସିବାରୁ ସରକାରୀ ଅର୍ଥ ଶ୍ରାଦ୍ଧ ସିନା ହେଲା, ଉଦ୍ଦେଶ୍ୟ ସାଧିତ ହେଲା ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ପ୍ରକାଶ କରିଛନ୍ତି, ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଏକ ଯୁଗାନ୍ତକାରୀ ଯୋଜନା। ଗ୍ରାମୀଣ ସ୍ତରରେ କିଛି ପରିବାର ସରକାରୀ ପାଇଖାନା ବ୍ୟବହାର କରୁଥିଲେ ସୁଦ୍ଧା ଅନେକ ବ୍ୟବହାର କରୁନାହାନ୍ତି। ଯାହା ଅଯଥାରେ ଦେଶର ପ୍ରାକୃତିକ ସମ୍ପଦ ଓ ରାଜସ୍ୱ ନଷ୍ଟ ହେବାକୁ ଦର୍ଶାଉଛି। ବ୍ୟାପକ ଓ ସଠିକ ଜନ ସଚେତନତା ଓ ତଳ ସ୍ତରରେ ପ୍ରଶାସନିକ ଅଧିକାରୀଙ୍କ ଆଗ୍ରହ ଦ୍ୱାରା ସ୍ୱଚ୍ଛ ଭାରତ ମିଶନକୁ ପୂର୍ଣ୍ଣ ରୂପେ ସଫଳ କରାଯାଇପାରନ୍ତା ବୋଲି ମତ ପ୍ରକାଶ ପାଉଛି। ଏନେଇ ଆମ୍ଭେ ଶେରଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତୃପ୍ତିମୟୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ପ୍ରକାଶ କରିଛନ୍ତି ଯେ, ସରକାର କୋଟି କୋଟି ଟଙ୍କା ବ୍ୟୟରେ ଗରିବ ହିତାଧିକାରୀଙ୍କୁ ପାଇଖାନା ଯୋଗାଇ ଦେଇଥିଲେ। କିନ୍ତୁ ହିତାଧିକାରୀ କିଛି ଦିନ ଏହାର ବ୍ୟବହାର କରିବା ପରେ ଏହାକୁ ଷ୍ଟୋର ରୁମ କରିଦେଲେ। ବାହାରେ ମଳ ତ୍ୟାଗ କରିବା ଆରମ୍ଭ କରିଦେଲେ। ବର୍ତ୍ତମାନ ଏହି ଘଟଣା ମୋ ନଜରକୁ ଆସିଛି। ଏନେଇ ପ୍ରତ୍ୟେକ ଗ୍ରାମରେ ଜନସାଧାରଣଙ୍କୁ ପାଇଖାନାରେ ଶୌଚ କରିବା ଏବଂ ବାହାରେ ଶୌଚ କରିବାର ପରିଣତି ସମ୍ପର୍କରେ ସଚେତନ କରାଯିବ। ସାଧାରଣ ଜନତା ସହଯୋଗ କଲେ ବାହ୍ୟ ମଳତ୍ୟାଗ ବନ୍ଦ ହେବ। ସ୍ୱଚ୍ଛ ସବୁଜ ପରିବେଶ ସୃଷ୍ଟି ହେବ ବୋଲି ପ୍ରକାଶ କରିଛନ୍ତି।

## ଗଣେଶ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ସାନଖେମୁଣ୍ଡି,୭ ।୮ (ସମିସ): ଆସନ୍ତା ଅଗଷ୍ଟ ୨୭ ତାରିଖରେ ହେବାକୁ ଥିବା ଗଣେଷ ପୂଜା ପାଇଁ ସାନଖେମୁଣ୍ଡି ବ୍ଲକ ମହାନଳା ଗ୍ରାମର ବ୍ଲକ ସାହିରେ ଗୁରୁବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପୁରୋହିତ ପୂଜାପାଠ କରିଥିବାବେଳେ କର୍ତ୍ତା ଅନିଲ କୁମାର ନାୟକଙ୍କ ଦ୍ୱାରା ଶୁଭଖୁଣ୍ଟି ମହାନଳା ବ୍ଲକ ସାହି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜା କମିଟି ସଭାପତି, ଉପସଭାପତି, କୋଷାଧକ୍ଷ, ସମ୍ପାଦକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସାହି ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବର୍ଷ ସରକାରଙ୍କ ନିୟମକୁ ମାନି ପୂଜା ଅର୍ଚ୍ଚନା କରାଯିବ ବୋଲି ପୂଜା କମିଟି କହିଛି।

# ବଧୂହତ୍ୟା ଅଭିଯୋଗ; ସ୍ୱାମୀ ଓ ୨ ସଉତୁଣୀ କୋର୍ଟଚାଲାଣ

ବେଲଗୁଣ୍ଠା,୭।୮ (ସମିସ): ନିଜ ଝିଅକୁ ଝିଅର ସ୍ୱାମୀ ଏବଂ ୨ ସଉତୁଣୀ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ ଆଣିଛନ୍ତି ଝିଅର ମା' ତଥା ବୁଗୁଡା ଥାନା ମାଣିତରା ଗ୍ରାମର ଅଙ୍ଗଦ ନାଇକଙ୍କ ସ୍ତ୍ରୀ ଶାନ୍ତି ନାଇକ (୬୦)। ଶାନ୍ତିଙ୍କ ଅଭିଯୋଗ ପ୍ରକାରେ ଗତ ସୋମବାର ସନ୍ଧ୍ୟାରେ ତାଙ୍କର ଜଣେ ଭାଣିଜୀ ସାଲୁ ନାଇକ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଘୁ.ନୂଆଗାଁରୁ ଫୋନ୍ କରି ଜଣାଇଲେ ଯେ, ତାଙ୍କ ଝିଅ ପୂଜା ନାଇକ ଗଳାକଟି ଆତ୍ମହତ୍ୟା କରିଛନ୍ତି।

ଖବର ପାଇ ଶାନ୍ତି ନିଜ ପରିବାର ସଦସ୍ୟଙ୍କ ସହିତ ପୂଜାଙ୍କ ଶଶୁର ଘର ନୂଆଗାଁରେ ପହଞ୍ଚି ଝିଅର ମୃତଦେହ ପଡ଼ିଥିବା ଦେଖିଥିଲେ। ପୂଜାଙ୍କ ସ୍ୱାମୀ ସନ୍ତୋଷ ନାଇକ ଓରଫ ବବୁଲୁ ଏବଂ ତାଙ୍କ ଦୁଇ ରକ୍ଷିତା ଅନୀତା ନାଇକ ଓ ଶ୍ରୁତି ପରିଡ଼ା ଓରଫ ପୂଜା ନାଇକ ତାଙ୍କୁ ଘର ଭିତରକୁ ଯିବାକୁ ନଦେବାରୁ ସେ ଫେରି ଆସିଥିଲେ। ଶାନ୍ତି ନିଜ ଝିଅକୁ ତାର ସ୍ୱାମୀ ସନ୍ତୋଷ ଏବଂ ତାର ଦୁଇ ସଉତୁଣୀ ଅନିତା ଏବଂ ଶ୍ରୁତି ଓରଫ ପୂଜା ହତ୍ୟା କରିଥିବା ଥାନାରେ ଜଣାଇଥିଲେ। ଅଭିଯୋଗ ଆଧାରରେ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରି ଥାନା ଅଧିକାରୀ ରେବତୀ ଶବର ଭଞ୍ଜନଗର ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇ ତାଙ୍କ ଭାଇ ମଣ୍ଟୁ ନାଇକଙ୍କୁ ହସ୍ତାନ୍ତର କରିଥିଲେ। ମୃତ ପୂଜାଙ୍କ ସ୍ୱାମୀ ସନ୍ତୋଷ ବରଗାଁର ଅନୀତା ନାଇକ ଓ ଏବଂ ଡିମ୍ବିରି ପଲ୍ଲୀର ଶ୍ରୁତି ପରିଡ଼ା ଓରଫ ପୂଜା ନାଇକକୁ ଘରକୁ ଆଣି ପାଖରେ ରଖିଥିଲା। ଏଥିରେ ମୃତ ପୂଜା ଆପତ୍ତି କରୁଥିବାରୁ ଘରେ ବହୁଥର ବିବାଦ ହୋଇଥିଲା। ଅଭିଯୁକ୍ତ ସନ୍ତୋଷ ପୂଜାଙ୍କୁ ମାଡ଼ ମାରୁଥିଲେ। ପୂଜାଙ୍କ ବାପ ଘରଲୋକେ ତାଙ୍କୁ ଘରକୁ ନେଇଯାଇଥିଲେ। ଗତ ସାତ ମାସ ପୂର୍ବରୁ ଅଭିଯୁକ୍ତ ସନ୍ତୋଷ ପୁଣିଥରେ ବୁଗୁଡା ଯାଇ ତାଙ୍କୁ ନେଇଆସି ୨ ଦିନ ତାଙ୍କ ଘରେ ରଖିଥିଲେ। ଏହି ଘଟଣା ବିଷୟରେ ପୂଜା ତାଙ୍କ ବାପା ଘରକୁ ଖବର ଦେଇଥିଲେ। ଏହି ଘଟଣାରେ ବୁଗୁଡା ପୁଲିସ ଅଭିଯୁକ୍ତ ସନ୍ତୋଷ ନାଇକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପରେ ଜାମିନ୍‌ରେ ଅଭିଯୁକ୍ତ ସନ୍ତୋଷ ଆସିଥିଲେ। ଘଟଣା ଦିନ ସନ୍ତୋଷ ପୁଣିଥରେ ବୁଗୁଡା ଅଞ୍ଚଳର ନାବାଳିକାକୁ ଘରକୁ ଆଣିବା ପାଇଁ ଜିଦ୍ କରିଥିଲେ। ପୂଜା ବିରୋଧ କରିଥିବା ବେଳେ ଅନ୍ୟ ଦୁଇ ରକ୍ଷିତା ଅନୀତା ଓ ପୂଜା (ଶ୍ରୁତି) ସନ୍ତୋଷକୁ ସମର୍ଥନ କରିଥିଲେ। ଘଟଣା ବିଷୟରେ ମୃତ ପୂଜା ତାଙ୍କ ବାପା ଘରକୁ ଫୋନ୍ ଦ୍ୱାରା ଜଣାଇବା ସହିତ ତାଙ୍କ ସ୍ୱାମୀ ଏବଂ ଦୁଇ ରଖିତା ମିଶି ତାଙ୍କୁ ହତ୍ୟା ହତ୍ୟା କରିବାକୁ ଧମକ ଦେଉଥିବା ଜଣାଇଥିଲେ। ସେହିଦିନ ସନ୍ଧ୍ୟା ପରେ ହିଁ ପୂଜାଙ୍କର ମୃତ୍ୟୁ ହୋଇଥିବା ଖବର ଆସିଥିଲା। ଏହି ଘଟଣାରେପୁଲିସ୍ ସନ୍ତୋଷୀ ନାଇକ, ଅନୀତା ନାଇକ ଏବଂ ଶ୍ରୁତି ପରିଡ଼ା ଓରଫ ପୂଜା ନାଇକକୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି।

## ନାରୀ ନିର୍ଯାତନା ପ୍ରତିବାଦରେ ବିକ୍ଷୋଭ



ପୁରୁଷୋତ୍ତମପୁର,୭ ।୮ (ସମିସ): ଓଡ଼ିଶାରେ ଛାତ୍ରୀ ଓ ମହିଳାଙ୍କ ଉପରେ ବଢ଼ିଚାଲିଥିବା ନିର୍ଯାତନାର ପ୍ରତିବାଦରେ ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟ ସମ୍ମୁଖରେ ପୁରୁଷୋତ୍ତମପୁର ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ରଛାତ୍ରୀ ଓ କର୍ମକର୍ତ୍ତା ଏକ ରାଲିରେ ବାହାରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଥାନାରେ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ବିଗିଡ଼ିବାରେ ଲାଗିଥିବାବେଳେ ମହିଳା ଓ ଛାତ୍ରୀଙ୍କୁ ନେଇ ଗୋଟିଏ ପରେ ଗୋଟିଏ ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସୁଛି। ଏହା ସରକାରଙ୍କ ବିଫଳତାକୁ ପଦାରେ ପକାଇଛି। କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା ସମ୍ପାଦକ ଅଶୋକ କୁମାର ମହାଙ୍କୁଡ, ନଗର ବିଜେଡି ସଭାପତି ପ୍ରଭାତ ପଟ୍ଟନାୟକ, ୩୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଞ୍ଜିତ କୁମାର ବେହେରା, ଡିଜିଟାଲ ସେକ୍ରେଟାରୀ ସୁନୀଲ କୁମାର ବେହେରା, ଜଗନ୍ନାଥ ସାହୁ, ନୀଳାମୟ ବେହେରା, ରିତେଶ ବେହେରା, ଦୀପକ ବେହେରା, ମନୋଜ କୁମାର ଗୌଡ଼, ସୁରେନ୍ଦ୍ର ନାୟକ, ଭାଗିରଥି ମହାରଣା, ସନ୍ତୋଷ ପାତ୍ତାର, ଅଜିତ ପାଢ଼ୀ, ଅଜିତ କୁମାର ବେହେରା, ନେହା ବାରିକ, ସ୍ୱତା ପଣ୍ଡା, ମିତା ଗୌଡ଼, ସନ୍ଧ୍ୟା ଗୌଡ଼, ସଂଗୀତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ କାଟକୁ ନେଇ ଗ୍ରାହକ ଅସନ୍ତୋଷ

**● ସେବା ବଦଳରେ ନେବାରେ ତତ୍ପର**

ଶେରଗଡ଼,୭ ।୮ (ସମିସ): ହିଞ୍ଜିଳି ବିଦ୍ୟୁତ ଡିଭିଜନର ଶେରଗଡ ଇଲାକାରେ ମନଇଚ୍ଛା ବିଜୁଳି କାଟ୍ ହେଉଛି। ରକ୍ଷଣାବେକ୍ଷଣ ଅଭାବ ଓ ପୁରୁଣା ଯନ୍ତ୍ରାଂଶରେ ବିଦ୍ୟୁତ ଯୋଗାଣ ହେଉଥିବାରୁ ଅନେକ ସ୍ଥାନରେ ଲୋଡ୍ ପଡ଼ିବାରୁ ଏପରି ହେଉଛି। ବିଦ୍ୟୁତ ନିଅଣ୍ଟ ବି ଏହାର ଅନ୍ୟତମ କାରଣ ବୋଲି କୁହାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଏ ବିଷୟରେ ପଚାରିଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। କିନ୍ତୁ ସେବା ବଦଳରେ ବିଦ୍ୟୁତ ବିଲ୍ ଆଦାୟ କରିବାରେ ବିଭାଗ ତତ୍ପର ହୋଇଉଠିଛି। ଠିକ ଭାବରେ ବିଲ ପୈଠ ନକଲେ ସଂଯୋଗ କାଟି ଦିଆଯାଉଛି। ତେଣୁ ଠିକ ଭାବେ ସେବା ଯୋଗାଣ କରି ବିଲ ନେବାକୁ ଗ୍ରାହକ ଦାବି କରିଛନ୍ତି। ରାଜ୍ୟ ସରକାର ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଣ ଲାଗି ଘୋଷଣା କରିଛନ୍ତି। ହେଲେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଇ ଘନ ଘନ ବିଦ୍ୟୁତ କାଟ ହେଉଛି। ଏଠାରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ଏସ୍‌ଡିଓ ବିଦ୍ୟୁତ କାଟର କୌଣସି ସନ୍ତୋଷଜନକ ଉତ୍ତର ପ୍ରଦାନ କରିପାରୁନାହାନ୍ତି। ଏହି ଅଘୋଷିତ ବିଦ୍ୟୁତ କାଟ ଯୋଗୁ ସାଧାରଣ ଗ୍ରାହକ ହନ୍ତସନ୍ତ ହେଉଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ହେଉଛି। ସେହିପରି ବଜାର, ହୋଟେଲ, ବିଭିନ୍ନ ବାଣିଜ୍ୟିକ ଅନୁଷ୍ଠାନ, ମିଲ୍, ମେଡ଼ିକାଲ, ଇଞ୍ଜିନିୟରିଂ ୱାର୍କସପରେ ଗୁରୁତର ସମସ୍ୟା ଉପୁଜିଛି। ବର୍ତ୍ତମାନ ଗ୍ରୀଷ୍ମ ଭଳି ତାତି ହେଉଥିବାବେଳେ ବିଦ୍ୟୁତ୍ କାଟ ଯମ ଯନ୍ତ୍ରଣା ଦେଉଛି। ମାସକୁ ତିନି ଥର ଫିଡଣ୍ ମରାମତି ଲାଗି ବିଦ୍ୟୁତ୍ କାଟ କରାଯାଉଥିବା ବେଳେ ମଝିରେ ମଝିରେ ଏଭଳି ଦୀର୍ଘ ସମୟଧରି ବିଦ୍ୟୁତ କାଟ କରିବାର କାରଣ କଣ? କିଛି ଦିନର ବ୍ୟବଧାନରେ ଡାକବାଜି ଯନ୍ତ୍ର ଦ୍ୱାରା ଓ ମୋବାଇଲରେ ମେସେଜ ଦେଇ ବିଦ୍ୟୁତ କାଟ କରାଯାଉଥିବା ବେଳେ ବହୁ ସମୟରେ ଅଘୋଷିତ ବିଦ୍ୟୁତ କାଟ କରାଯାଉଛି। ତୁରନ୍ତ ଏହାର ସମାଧାନ ଲାଗି ବିଦ୍ୟୁତ ଉପଭୋକ୍ତାଙ୍କ ପକ୍ଷରୁ ଦାବି ହେଉଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସାନଖେମୁଣ୍ଡି,୭ ।୮ (ସମିସ): ଖଲିଙ୍ଗି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଅଜୟ କୁମାର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁକଦେବ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାନଖେମୁଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ କୁରେଶୁ ସେଠୀ, ମୁଖ୍ୟବକ୍ତା ଭାବେ ପାଟପୁର ରାସାୟନିକ ବିଜ୍ଞାନ ଅଧ୍ୟାପକ କୈଳାଶ ଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଖଲିଙ୍ଗି ସରପଞ୍ଚ ଅର୍ଣ୍ଣବ ନାୟକ, ପୂର୍ବତନ ସରପଞ୍ଚ ପ୍ରତିନିଧି ସଂଜୟ ରାଉତ, ବିଦ୍ୟାଳୟ ଏସଏମଏସ ସଭାପତି ଅନର୍ବ ନାୟକ, ବିଭିନ୍ନ କ୍ଲଷ୍ଟର ସିଆରସିସି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସଂଜୟ କୁମାର ସାହୁ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟ୍ରଲର ଦୁର୍ଘଟଣା ମାମଲାରେ ଡ୍ରାଇଭର ଗିରଫ

ବୁଗୁଡା,୭ ।୮ (ସମିସ): ଗତ ବୁଧବାର ପୂର୍ବାହ୍ନରେ ବୁଗୁଡା ନିକଟସ୍ଥ ଷୋଳମଇଲି ମୁଖ୍ୟ ସଡକରେ ଲୁହାଖାଡି ବୋଝେଇ ଟ୍ରଲର ଚକା ତଳେ ପଡ଼ି ଦୁଇ ଜଣ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ପୁଲିସ ଟ୍ରଲର ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଡ୍ରାଇଭର ହେଲେ ନୟାଗଡ ଜିଲ୍ଲା ଫତେଗଡ ଥାନା ଅନ୍ତର୍ଗତ ଗୋପାଳପ୍ରସାଦ ଗ୍ରାମର ସନାତନ ଆଲୁକ (୫୭)। ଏନେଇ ବୁଗୁଡା ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ପ୍ରକାଶ ଯେ, ବୁଧବାର ବାଇକ୍‌ରେ ଯାଉଥିବା ବେତାରସିଂ ଗ୍ରାମର ପୁତୁରା ଶଶାଙ୍କ ମହାରଣା ଓ ବଡବାପା ଖଦାଳ ମହାରାଣା ଟ୍ରଲର ଚକା ତଳେ ପଡି ମୃତ୍ୟୁବରଣ କରିଥିଲେ।

## ଅସରାଏ ବର୍ଷାରେ କଳିଙ୍ଗ ରୋଡରେ ଆଣ୍ଠୁଏ ପାଣି



ଆସିକା,୭ ।୮ (ସମିସ): ଦୁଇ ପାଶ୍ୱର୍ ନାଳରେ ହୋଇ ପାରୁନାହିଁ ଜଳ ନିଷ୍କାସନ। ଫଳରେ ଝିପି ଝିପି ବର୍ଷା ହେଲେ କଳିଙ୍ଗ ରୋଡ ଥିବା ପାର୍କ ପାଶ୍ୱର୍ ରାସ୍ତାଟି ଜଳ ମଗ୍ନ ହେଉଛି। ଯିବା ଆସିବାରେ ଜନ ଜୀବନ ଅସ୍ତ ବ୍ୟସ୍ତ। ଏମିତିକି ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନଥିବା ଯୋଗୁ ବର୍ଷା ପାଣି ଲହଡ଼ି ମାରୁଛି। ଦୁଇ ଚକିଆ ଠାରୁ ଆରମ୍ଭ କରି ଭାରିଜାନ ମୁଖ୍ୟ ରାସ୍ତାରେ ଯିବା ଆସିବା ପାଇଁ ଭୟ ଲାଗୁଛି। ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ନାଳ ଗୁଡିକ ଜାମ୍ ଯୋଗୁ ଅସରାଏ ବର୍ଷା ହେଲେ ମୁଖ୍ୟ ରାସ୍ତା ଉପରେ ପାଣି ଜମୁଥିବା ଦେଖିବାକୁ ମିଳିଛି। ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ବାର୍‌ହା ଉପଦ୍ରବରେ ମକା ଫସଲ ନଷ୍ଟ



ଆସିକା,୭ ।୮ (ସମିସ): ମକା ଚାଷ ଏକ ଲାଭ ଦାୟକ ଫସଲ। ଚାଷୀ ଜମିରେ ମକା ଫଳିବା ଦେଖି ଖୁସି ହେଉଥିଲା ଚାଷୀ। ଆଉ ଆଶା କରୁଥିଲା ଚଳିତ ବର୍ଷ ଭଲ ଦୁଇ ପଇସା ରୋଜଗାର କରିବା ସହ ଧାର କରଜ ଶୁଝିବ। କିନ୍ତୁ ଅମଳ ହେବା ବେଳକୁ ଗତ ଦୁଇ ଦିନ ହେଲା ଜଙ୍ଗଲୀ ବାର୍‌ହା ପଲଙ୍କ ଉପଦ୍ରବ ଯୋଗୁ ହେକ୍ଟର ହେକ୍ଟର ମକା ଫସଲ ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ବାର୍‌ହାଙ୍କ ଉପଦ୍ରବ ଯୋଗୁ ମକା ଚାଷରୁ ମୁହଁ ଫେରାଇଲେଣି ବ୍ଲକ ଅନ୍ତର୍ଗତ କେନ୍ଦୁପଦର ଅଞ୍ଚଳର ଚାଷୀ। ବିହନ ଠାରୁ ଆରମ୍ଭ କରି କୌଣସି ସହାୟତା କୃଷି ବିଭାଗ ଦେଉ ନଥିବା ବେଳେ ଏବେ ଅମଳ ବେଳକୁ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। କେବଳ କେନ୍ଦୁପଦର ନୁହଁ ଆସିକା ବ୍ଲକରେ ଯେଉଁ ସବୁ ଅଞ୍ଚଳରେ ମକା ଚାଷ ହେଉଛି ସେହି ଅଞ୍ଚଳରେ ଜଙ୍ଗଲୀ ବାରହାଙ୍କ ଉପଦ୍ରବ ଯୋଗୁ ଚାଷୀ ମକା ଚାଷ ପ୍ରତି ମୁହଁ ଫେରାଇଲେଣି। ସେପଟେ ବନ ବିଭାଗ ଚାଷୀ କ୍ଷୟକ୍ଷତି ଆକଳନ କୌଣସି ବୁଝୁ ନଥିବା ସହ ସରକାରୀ ସହାୟତା ମିଳୁ ନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି।

## ପ୍ରଜାପିତା ବ୍ରହ୍ମକୁମାରୀ ପକ୍ଷରୁ ରକ୍ଷା ବନ୍ଧନ

ଛତ୍ରପୁର,୭ ।୮ (ସମିସ): ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଛତ୍ରପୁର ଶାଖା ପକ୍ଷରୁ ଏକ ବିଶେଷ ରାଜଯୋଗ ତଥା ପବିତ୍ର ରକ୍ଷା ବନ୍ଧନର କାର୍ଯ୍ୟକ୍ରମ ସ୍ଥାନୀୟ ସେବା କେନ୍ଦ୍ର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ତଥା ବକ୍ତା ରୂପେ ବ୍ରହ୍ମକୁମାରୀରର ଆନ୍ତର୍ଜାତୀୟ ମୁଖ୍ୟାଳୟ ମାଉଣ୍ଟ ଆବୁ ରାଜସ୍ଥାନରୁ ବ୍ରହ୍ମକୁମାର ରାଜେନ୍ଦ୍ର ପ୍ରସାଦ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର, ଗଞ୍ଜାମ, ପୁରୁଷୋତ୍ତମପୁର ଓ ରମ୍ଭା ବ୍ଲକର ୩୦୦ରୁ ଅଧିକା ଭାଇ ଓ ଭଉଣୀ ମାନେ ଯୋଗଦାନ କରିଥିଲେ। ଏହାକୁ ଛତ୍ରପୁର ସେବା କେନ୍ଦ୍ରର ମୁଖ୍ୟ ସଂଚାଳିକା ବ୍ରହ୍ମକୁମାରୀ ବିଜୟଲକ୍ଷ୍ମୀ ସୂଚାରୁ ରୂପେ ପରିଚାଳନା କରିଥିଲେ।

## କାହା ପାଇଁ ଦରଦ, କାହିଁକି ତଦନ୍ତ କରିବାକୁ ପଛଘୁଞ୍ଚା?

# ବିବାଦୀୟ ନର୍ସିଂହୋମ୍‌କୁ ସୁରକ୍ଷା ଦେଉଛି ଜିଲ୍ଲା ସ୍ୱାସ୍ଥ୍ୟବିଭାଗ

ବ୍ରହ୍ମପୁର,୭ ।୮ (ସମିସ)

ଜିଲ୍ଲାର ବିଭିନ୍ନ ସ୍ଥାନରେ ଖୋଲାଯାଇଛି ମାଳମାଳ ଘରୋଇ ନର୍ସିଂହୋମ। ସେଥି ମଧ୍ୟରୁ ଅଧିକାଂଶ ନର୍ସିଂହୋମ ସରକାରଙ୍କ ନିୟମର ଖୋଲାଖୋଲି ଉଲଂଘନ କରୁଥିବା ଦେଖିବାକୁ ମିଳୁଛି। ଏନେଇ ଅନେକ ସମୟରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟମାନେ ଅଭିଯୋଗ ହେଉଥିଲେ ହେଁ ସେଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ଜଣାପଡିଛି। ଏପରିକି ଜିଲ୍ଲା ସ୍ୱାସ୍ଥ୍ୟବିଭାଗର ବରିଷ୍ଠ ଅଧିକାରୀମାନେ ବେନିୟମ ତଥା ବିବାଦିୟ ନର୍ସିଂହୋମ ବା ଘରୋଇ ହସ୍ପିଟାଲ ଗୁଡିକୁ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। କେତେକ ନର୍ସିଂହୋମରେ ସ୍ଥାୟୀ ଡାକ୍ତର ନଥାଇ ମଧ୍ୟ ରୋଗୀଙ୍କୁ ମାସାଧିକ କାଳ ଚିକିତ୍ସା ଆଳରେ ରଖି ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଗତ ମେ ମାସ ୧୧ତାରିଖରେ

### ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଦେଖାଦେଇଛି ତତ୍ପରତା

ଡେଙ୍ଗାଉସ୍ତା ସ୍ଥିତ ସାହାରା ନର୍ସିଂହୋମରେ ପ୍ରସୂତୀ ସମୟରେ ହିଞ୍ଜିଳିକାଟୁ ଥାନା ଅର୍ନ୍ତଗତ କରାଖଣ୍ଡି ଗ୍ରାମର ରୋଜି ନାୟକଙ୍କ ମୃତ୍ୟୁ ଘଟିଥିବା ନେଇ ତାଙ୍କ ସ୍ୱାମୀ ବାବୁ ନାୟକ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମଧ୍ୟ ଅଭିଯୋଗ କରି ଘଟଣାର ତଦନ୍ତ କରିବାକୁ ଦାବି କରିଥିଲେ। ତେବେ ତାଙ୍କ ଅଭିଯୋଗକୁ ଆଦୌ ଗୁରୁତ୍ୱ ଦିଆଯାଇନଥିବା ବାବୁ ଅଭିଯୋଗ କରିଛନ୍ତି। ସେହିପରି ସାହାରା ନର୍ସିଂହୋମର ସ୍ଥାୟୀ ଡାକ୍ତରଙ୍କର ଗତ ଜାନୁୟାରୀରେ ମୃତ୍ୟୁ ହୋଇସାରିଛି। ଏହାପରେ ମଧ ନର୍ସିଂହୋମ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ଅବଗତ କରିନଥିବା ବାବୁ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ମୃତ୍ୟୁର ଦିର୍ଘ ୬ମାସ ପରେ ମଧ ନର୍ସିଂହୋମ କର୍ତ୍ତୃପକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୌଣସି ସୂଚନା ଦେଇନଥିବା ବେଳେ ନିକଟରେ ଅନ୍ୟଜଣେ ଡ଼ାକ୍ତରଙ୍କ ନାମ ପ୍ରଦାନ କରିଥିବା ଜଣାପଡିଛି। ଏନେଇ ବାବୁ ସୋଲିଆଲ ମିଡିଆ 'ଏକ୍ସ' ଜରିଆରେ ଅଭିଯୋଗ କରିବା ପରେ ଘଟଣାର ତଦନ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ବାଘଲଟି ଗ୍ରାମର ବଳରାମ ଗୌଡ(୨୫) ଦିଗପହଣ୍ଡି ଥାନା ଅଞ୍ଚଳରେ ବାଇକ ଦୁର୍ଘଟଣାରେ ଆହତ ହୋଇ ପ୍ରଥମେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଓ ପରେ ତାଙ୍କୁ ଗୋଇଲୁଣ୍ଡି ସ୍ଥିତ ବିନାୟକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବଳରାମଙ୍କର ଅସ୍ତ୍ରୋପଚାର ବେଳେ ମୃତ୍ୟୁ ଘଟିଥିବା ତାଙ୍କ ଭାଇ ଜଗନ୍ନାଥ ଗୌଡ ଅଭିଯୋଗ କରିଥିଲେ। ଏନେଇ ମୃତକଙ୍କ ପରିବାର ପକ୍ଷରୁ ବୈଦ୍ୟନାଥପୁର ଥାନା ସମେତ ବିଭିନ୍ନ ସ୍ଥାନରେ ଅଭିଯୋଗ କରାଯାଇଥିଲା। ଘଟଣାର ତଦନ୍ତ କରିବାକୁ ପରିବାର ପକ୍ଷରୁ ଦାବି କରାଯାଇଥିଲେ ହେଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ତଦନ୍ତ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଏଭଳି ଭାବେ ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ବିବାଦିୟ ଘରୋଇ ନର୍ସିଂହୋମ ଗୁଡିକ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ପାଲଟା ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ତେବେ ସାମାଜିକ ଗଣମାଧ୍ୟମରୁ ସୂଚନା ପାଇ ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଜଣାପଡିଛି।

## ଗଞ୍ଜେଇ ଚାଲାଣ ମାମଲା; ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ବ୍ରହ୍ମପୁର,୭ ।୮ (ସମିସ): ଅତିରିକ୍ତ ଜିଲ୍ଲା ଜଜ୍-୧ ନରେଶ ମହାନ୍ତି ଏକ ଗଞ୍ଜେଇ ଚାଲାଣ ମାମଲାର ଶୁଣାଣି କରି ଜଣେ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ଗଜପତି ଜିଲ୍ଲା ଅଡ଼ବା ଥାନା ପାଣିଗଣ୍ଡାର ଅଭିଜିତ ସିଂ (୨୭) । ଅଭିଯୁକ୍ତଙ୍କୁ ଜେଲ ଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅତିରିକ୍ତ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ଉକ୍ତ ରାୟରେ ଉଲ୍ଲେଖ ରହିଛି । ସୂଚନାଯୋଗ୍ୟ ଯେ, ୨୦୨୩ ଫେବୃୟାରୀ ୯ରେ ଗଜପତିରୁ ଦିଗପହଣ୍ଡି ଅଭିମୁଖେ ଏକ ଅଟୋରେ ଗଞ୍ଜେଇ ଚାଲାଣବେଳେ ଅବକାରୀ ଗୁଇନ୍ଦା ବିଭାଗକୁ ଖବର ମିଳିଥିଲା । ସଦର ଅବକାରୀ ଟିମ ଡେଙ୍ଗାପଦର ଇନ୍ଦ୍ରାବାସ ନିକଟରେ ଅଟୋକୁ ଅଟକାଇ ୫୦କେଜି ଗଞ୍ଜେଇ ଜବତ କରିଥିଲା । ଅଟୋ ଚାଳକ ଅଭିଜିତ ସିଂଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ତଦନ୍ତ ଅଧିକାରୀ ତଥା ଇନ୍ସପେକ୍ଟର ଅର୍ଜୁନ ମଲ୍ଲିକ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । ଅଭିଯୁକ୍ତ ଅଭିଜିତ ସିଂ ହାଇକୋର୍ଟରୁ ଜାମିନ ମିଳିଥିଲା । ମାମଲାର ବିଚାରଣା ବେଳେ ମୋଟ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ରାୟ ପ୍ରକାଶ ବେଳେ ଅଭିଯୁକ୍ତ ଅଭିଜିତ କୋର୍ଟରେ ହାଜର ହୋଇଥିଲେ । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣଙ୍କୁ ଭିତ୍ତି କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଥିଲେ । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମକଦ୍ଦମା ପରିଚାଳନା କରୁଥିଲେ ।

## କୋର୍ଟ ମହିଳା କିରାଣିଙ୍କ ଭଡ଼ାଘରୁ ଚୋରି

ବ୍ରହ୍ମପୁର,୭।୮ (ସମିସ): ଅଳକାପୁରୀ ଷଷ୍ଠ ଲାଇନରେ ଭଡାଘରେ ରହୁଥିବା କୋର୍ଟର ଜଣେ ମହିଳା କିରାଣିଙ୍କ ବଡ଼ାଘରୁ ବଡ ଧରଣର ଚୋରି ହୋଇଛି । କୌଣସି ଦୁର୍ବୃତ୍ତ ତାଙ୍କ ଘରେ ପଶି ଆଲମିରାରୁ ୮ ଭରି ସୁନା ଅଳଙ୍କାର, ୩ ଭରି ରୁପା ଅଳଙ୍କାର ଚୋରି କରି ନେଇଯାଇଛି । ଏ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନାପ୍ରକାରେ, ୩ୟ ଏଡିଜେ କୋର୍ଟରେ କନିଷ୍ଠ କିରାଣି ସନ୍ତୋଷିନୀ ଅଧିକାରୀ ଗତକାଲି ସକାଳୁ ନିଜ କାର୍ଯ୍ୟାଳୟକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଥିଲେ । କିଛି ସମୟ ପରେ ସେ ଆଲମିରା ଖୋଲି ଦେଖିବା ବେଳକୁ ଲକର ଖୋଲା ଥିବାବେଳେ ତା' ଭିତରେ ଥିବା ସମସ୍ତ ଅଳଙ୍କାର ଗାଏବ ଥିଲା । ଏହାପରେ ସେ ତାଙ୍କ ସ୍ୱାମୀଙ୍କୁ ଫୋନ କରି ଘରକୁ ଡାକିଥିଲେ । ଏନେଇ ସେ ଘର ମାଲିକଙ୍କୁ ପଚରାଉଚରା କରିଥିଲେ । ତେବେ ଦିନବେଳା ସନ୍ତୋଷିନୀଙ୍କ ଘରକୁ ଜଣେ ମହିଳା ଆସିଥିଲେ ବୋଲି ଘର ମାଲିକଙ୍କ ନଣଦ ତାଙ୍କୁ କହିଥିଲେ । ତେବେ ତାଙ୍କ ଘରୁ ସେହି ମହିଳା ଚୋରି କରିଛନ୍ତି ନାଁ ଆଉ କିଏ ତାହା ସ୍ପଷ୍ଟ ହୋଇପାରିନି । ସନ୍ତୋଷିନୀଙ୍କ ଆଲମିରା ଲକରରୁ ୧୫ ଗ୍ରାମ ଓଜନର ଗୋଟିଏ ସୁନାହାର, ୮ ଗ୍ରାମ ଓଜନଗର ୪ଟି ସୁନା ଚୁଡି, ୧୦ ଗ୍ରାମ ଓଜନର ଗୋଟିଏ ମଙ୍ଗଳସୂତ୍ର, ୧୫ ଗ୍ରାମ ଓଜନର ୫ଟି ମୁଦି, ୮ ଗ୍ରାମ ଓଜନର ୨ଟି କାନଫୁଲ, ୧୯ ଗ୍ରାମ ଓଜନର ୨ଟି ସୁନା ବିସ୍କୁଟ, ୩୦ ଗ୍ରାମ ଓଜନର ରୂପା ପାଉଁଜି ଚୋରି ହୋଇଥିବା ଏତଲାରେ ଦର୍ଶାଇଛନ୍ତ । ପୁଲିସ ଉକ୍ତ ଭଡା ଘରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଥିବା ଜଣାପଡିଛି ।

● ଗୋପାଳପୁର ବେଳାଭୂମି ଗଣ ଦୁଷ୍କର୍ମ ମାମଲା

## ଚାର୍ଜସିଟ୍‌ରୁ ବାଦ୍ ଅଭିଯୁକ୍ତ ଓମ୍‌ର ଡିସ୍‌ଚାର୍ଜ ପିଟିସନ୍ ଖାରଜ୍

ବ୍ରହ୍ମପୁର,୭।୮ (ସମିସ): ଗୋପାଳପୁର ବେଳାଭୂମି ଗଣ ଦୁଷ୍କର୍ମ ମାମଲାର କମିଟ୍‌ମେଣ୍ଟ ପରେ ବିଚାରଣା ପାଇଁ ଜିଲ୍ଲା ଦୌରାଜଜ୍ କୋର୍ଟକୁ ସ୍ଥାନାନ୍ତର କରାଯାଇଛି । ସେହିପରି ଚାର୍ଜସିଟ୍‌ରୁ ବାଦ୍ ପଡ଼ିଥିବା ଅଭିଯୁକ୍ତ ଓଁମ୍ ପ୍ରଧାନଙ୍କୁ ମାମଲାରୁ ନାଁ କାଟିବା ପାଇଁ ଦାଖଲ ହୋଇଥିବା ଡିସ୍‌ଚାର୍ଜ ପିଟିସନ୍‌କୁ ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) ରିତିକା ଜେନା ଖାରଜ କରିଛନ୍ତି । ଏହି ପିଟିସନ୍‌ର ଶୁଣାଣି ବେଳେ ଏପିପି ଆଲୋକ କଦମ ମାମଲାରୁ ଅଭିଯୁକ୍ତର ନାଁ କାଟିବାକୁ ଦୃଢ଼ ବିରୋଧ କରିଥିଲେ । ଏଣୁ ତାହା ଖାରଜ ହୋଇଥିବା ଏପିପି କହିଛନ୍ତି । ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ସନ୍ଧ୍ୟାରେ ଜଣେ ଯୁକ୍ତତିନି ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଦୁଷ୍କର୍ମ ହୋଇଥିଲା । ଏହି ଘଟଣାରେ ଗୋପାଳପୁର ଥାନା ପୁଲିସ ମାମଲା ରୁଜୁ କରି ୬ଜଣ ଯୁବକଙ୍କୁ ଧରିଥିଲା । ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଂଜିଳିକାଟୁ ଥାନା ବୁରୁପଡ଼ାର ବାବୁରାମ ଦଳାଇ, ପାଟପୁର ଥାନା ବେଲଗାଁର କୁନାଲ ପ୍ରଧାନ, ହିଂଜିଳିକାଟୁ ଥାନା ସିକିରିର ଓମ୍ ପ୍ରଧାନ, ବୁରୁପଡ଼ାର ଲକ୍ଷ୍ମଣ ପ୍ରଧାନ ଓ ଦୀପକ ତରାଇ । ପରବର୍ତ୍ତୀ ସମୟରେ ପୁଲିସ ଅନ୍ୟ ୪ଜଣ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା । ୧୭ ତାରିଖରେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ । କ୍ରାଇମ୍‌ବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁରରେ କ୍ୟାମ୍ପ୍ କରି ତଦନ୍ତ କରିଥିଲା । କ୍ରାଇମ୍‌ବ୍ରାଞ୍ଚ ୫ଜଣ ଯୁବକ ଓ ୪ଜଣ ନାବାଳକଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି । ଜଣେ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ । ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ୫ଜଣ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି) ନିକଟରେ୪ଜଣନାବାଳକଙ୍କନାମରେଚାର୍ଜସିଟ୍‌ଦାଖଲକରିଥିଲା ।

# ବ୍ରହ୍ମପୁରରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ବ୍ରହ୍ମପୁର,୭ ।୮ (ସମିସ)



■ ଅକ୍ଟୋବରରେ 'ଗଞ୍ଜାମ ହାଟ' ଲୋକାର୍ପଣ
■ ଗେଟ୍‌ବଜାର ଓଭରବ୍ରିଜ କାମ ଲାଗି ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଚିହ୍ନଟ
■ ଧାର୍ଯ୍ୟ ସମୟ ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ସହରରେ ଅନେକ ପ୍ରକଳ୍ପ କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଛି । ଏହା ନିର୍ମାଣ ହେଲେ ସହରବାସୀ ଉପକୃତ ହେବେ । କିନ୍ତୁ ଏହି ପ୍ରକଳ୍ପ କାର୍ଯ୍ୟ କଚ୍ଛପ ଗତିରେ ଚାଲିଥିବାବେଳେ ନିର୍ଦ୍ଧାରିତ ସମୟରେ ସରୁନି । ଫଳରେ ସହରବାସୀ ବିଭିନ୍ନ ସମୟରେ ଅସନ୍ତୋଷ ମଧ୍ୟ ପ୍ରକାଶ କରୁଛନ୍ତି । ଏହି କାର୍ଯ୍ୟଗୁଡ଼ିକ ତୁରନ୍ତ ସାରିବା ନେଇ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ତତ୍ପରତା ପ୍ରକାଶ କରିଛନ୍ତି । ବ୍ରହ୍ମପୁର ମହାନଗର ନିଗମ(ବିଇଏମସି) ପରିସରରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ସେ ସମୀକ୍ଷା କରିଛନ୍ତି । ସହରରେ ଜାରି ରହିଥିବା ପ୍ରକଳ୍ପ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି । ଯେଉଁ ପ୍ରକଳ୍ପ ବିଳମ୍ବ ହେଉଛି ସେଗୁଡ଼ିକ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ଷାଦିନକୁ ଦୃଷ୍ଟିରେ ରଖି ନାଳ, ନର୍ଦ୍ଦମା ସଫେଇ ସହିତ ରାସ୍ତା ଘାଟ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ନିର୍ମାଣ ଜାରି ରହିଥିବା ଅନେକ ପ୍ରକଳ୍ପ କାର୍ଯ୍ୟ ସେ ବୁଲି ଦେଖିଛନ୍ତି । ଜିଲ୍ଲାପାଳ ଓପିଟିସିଏଲ୍ ଆସ୍କା ରୋଡ଼ଠାରେ ପ୍ରସ୍ତାବିତ ଅସ୍ଥାୟୀ ବସଷ୍ଟାଣ୍ଡ, ବ୍ରହ୍ମପୁର କର୍ପୋରେସନ ରୋଡର ଗଞ୍ଜାମ ହାଟ, ପୁରୁଣା ବସଷ୍ଟାଣ୍ଡରେ ନିର୍ମାଣାଧିନ ବହୁମୁଖୀ କାର୍ ପାର୍କିଂ, ଆମ୍ବପୁଆର ରକ୍ ଗାର୍ଡେନ, ବିବେକ ବିହାର ବିବାହ ମଣ୍ଡପ ସ୍ଥଳ ଆଦି ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ପରିଦର୍ଶନ ସମୟରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଅରବିନ୍ଦ ପ୍ରଥମେଶ ରାଜସିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ପ୍ରୋବେସନ୍ ଆଇଏଏସ ମ୍ରିନାଲୀକା ରାଠୋରଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏନେଇ ଜିଲ୍ଲାପାଳ କହିଛନ୍ତି ଯେ, ଗଞ୍ଜାମ ହାଟର ପ୍ରାୟ କାର୍ଯ୍ୟ ସରିଛି । ଅକ୍ଟୋବର ସୁଦ୍ଧା ପ୍ରଶାସନକୁ ହସ୍ତାନ୍ତର କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ୧୦୦ଦୋକାନ ସମେତ ପ୍ରଦର୍ଶନୀସ୍ଥଳ ଆଦି ନିର୍ମାଣ କରାଯାଇଛି । ଏହି କାର୍ଯ୍ୟ ଅଧିକାରୀମାନେ ବୁଲି ଦେଖିବେ । ଅକ୍ଟୋବର ସୁଦ୍ଧା ଲୋକାର୍ପଣ କରିବାକୁ ଯୋଜନା ରହିଛି । ଗଞ୍ଜାମ ହାଟରେ ବିଭିନ୍ନ ହସ୍ତତନ୍ତ, କୃଷି ଆଦି ବିଭିନ୍ନ ପ୍ରଦର୍ଶନୀ କରାଯିବ । ଏହା ୪୦କୋଟି ଟଙ୍କାରେ ନିର୍ମାଣ ହୋଇଛି । ସେହିଭଳି ଓବିସିସି ତରଫରୁ ଗେଟ୍‌ବଜାର ଅଞ୍ଚଳରେ ନୂଆ ଓଭରବ୍ରିଜ ନିର୍ମାଣ ହେବାକୁ ଯାଉଛି । ଏଥିପାଇଁ ଗେଟବଜାରଠାରୁ ନୂଆ ବସଷ୍ଟାଣ୍ଡ ରାସ୍ତାରେ ବସ ଚଳାଚଳ ହୋଇପାରିବନି । ଏଣୁ ଓପିଟିସିଏଲର ଏକ ସ୍ଥାନକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଭାବେ ନିର୍ମାଣ କରାଯାଇଛି । ସେହିଭଳି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଥିବା ବହୁମୂଖି କାର ପାର୍କିସ୍ଥଳକୁ ମଧ୍ୟ ଉଚିତ ସମୟରେ ସାରିବାକୁ ପ୍ରଶାସନ ନିଷ୍ପତି ନେଇଥିବା ଜିଲ୍ଲାପାଳ କହିଛନ୍ତି । ଏନେଇ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ କହିଛନ୍ତି ଯେ, ରକ ଗାଡେର୍‌ନ୍‌ରେ କିଭଳି ଲୋକଙ୍କୁ ଅଧିକା ସୁଯୋଗ ଦିଆଯାଇପାରିବ ସେନେଇ ଚିନ୍ତା କରାଯାଉଛି । ଏଠାରେ ଥିବା ଫାଉଣ୍ଟେନକୁ ବୃଦ୍ଧି କରାଯିବା ସହ ଦୋକାନ ବଜାର ବଢ଼ାଇବା ଦିଗରେ ପ୍ରଶାସନ ଚିନ୍ତା କରୁଛି । ଆଗାମୀ ଦିନରେ ସବୁ ପ୍ରକଳ୍ପକୁ ସୂଚାରୁ ଭାବେ ସାରିବାକୁ ଆଶା କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି ।

ଗର୍ଭପାତ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି

## ମୁମ୍ବାଇରେ ଗଞ୍ଜାମ ନାବାଳିକା ଗର୍ଭବତୀ

ବ୍ରହ୍ମପୁର,୭।୮ (ସମିସ): ମୁମ୍ବାଇରେ ନିଜ ପରିବାର ସହ ରହୁଥିବା ଗଞ୍ଜାମ ଜିଲ୍ଲାର ଜଣେ ୧୫ ବର୍ଷୀୟ ନାବାଳିକା ଗର୍ଭପାତ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି । ଘଟଣା ସାମ୍ନାକୁ ଆସିବା ପରେ ବୈଦ୍ୟନାଥପୁର ଥାନା ପୁଲିସ ଜିରୋ ଏଫ୍‌ଆଇଆର ରୁଜୁ କରିଛି । ସେପଟେ ମୁମ୍ବାଇ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି ।

ସୂଚନା ପ୍ରକାରେ, ଦୀର୍ଘ ୧୪ ବର୍ଷ ହେଲା ଗଞ୍ଜାମ ଜିଲ୍ଲାର ଏକ ପରିବାର ମୁମ୍ବାଇରେ ରହି କାମ କରୁଛନ୍ତି । ଉକ୍ତ ପରିବାରର ନାବାଳିକା ଜଣଙ୍କ(୧୫ବର୍ଷ) ସେଠାରେ ରହି ପାଠ ପଢୁଥିଲେ । ଗତ ମାର୍ଚ୍ଚରେ ନାବାଳିକା ସ୍କୁଲକୁ ଯାଉଥିବା ବେଳେ ସଞ୍ଜୟ ରାଥୋଡ଼ ନାମକ ଜଣେ ଯୁବକ ତାଙ୍କୁ ନିଜ ଘରକୁ ଟେକି ନେଇ ଶାରୀରିକ ସମ୍ପର୍କ ରଖିଥିଲେ । କିଛିଦିନ ପରେ ନାବାଳିକା ଗର୍ଭବତୀ ଥିବା ଜାଣିବାକୁ ପାଇ ଗର୍ଭପାତ ଔଷଧ ଆଣି ଖାଇଥିଲେ । ହେଲେ ଗର୍ଭ ନଷ୍ଟ ନହେବାରୁ ତାଙ୍କ ମା'ଙ୍କୁ ଜଣାଇଥିଲେ । ମା' ଅଭିଯୁକ୍ତ ସଞ୍ଜୟଙ୍କୁ ପଚାରିବାରୁ ତାଙ୍କ ପରିବାର ସଦସ୍ୟ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଫଳରେ ନାବାଳିକା ଓ ତାଙ୍କ ପରିବାର ଲୋକେ ମୁମ୍ବାଇ ଛାଡ଼ି ନିଜ ଗାଁକୁ ଚାଲି ଆସିଥିଲେ । ଆଜକୁ ୨ ଦିନ ପୂର୍ବେ ନାବାଳିକାଙ୍କ ଗର୍ଭପାତ କରିବାକୁ ପରିବାର ଲୋକେ ବ୍ରହ୍ମପୁର ସ୍ଥିତ ଏମ୍‌କେସିଜି ମେଡିକାଲର ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗରେ ଭର୍ତ୍ତି ହୋଇଥିଲେ । ପରୀକ୍ଷା ପରେ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଡାକ୍ତର ଜାଣିପାରି ବୈଦ୍ୟନାଥପୁର ଥାନାକୁ ଜଣାଇଥିଲେ । ପୁଲିସ ପହଞ୍ଚି ନାବାଳିକା ଓ ତାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ପରେ ନାବାଳିକାଙ୍କ ବୟାନକୁ ଆଧାର କରି ବୈଦ୍ୟନାଥପୁର ଥାନାରେ ଏକ ଜିରୋ ଏଫ୍‌ଆଇଆର ରୁଜୁ କରିଥିଲେ । ସେହିପରି ମୁମ୍ବାଇର ପାର୍କସାଇଟ ଥାନାକୁ ଖବର ଦେଇଥିଲା । ବ୍ରହ୍ମପୁର ପୁଲିସ ଠାରୁ ଖବର ପାଇବା ପରେ ମୁମ୍ବାଇର ପାର୍କ ସାଇଟ ପୁଲିସ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ମୁମ୍ବାଇର ପ୍ରଥମେଶ ସଞ୍ଜୟ ରାଥୋଡ(୨୩) । ତାଙ୍କୁ ସେଠାରେ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଏପଟେ ବୈଦ୍ୟନାଥପୁର ଥାନା ପୁଲିସ ନାବାଳିକାଙ୍କୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିରେ ହାଜର କରିଛି । ନାବାଳିକାଙ୍କ ଚିକିତ୍ସା ସହ ଥଇଥାନ ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପୁଲିସ ପକ୍ଷରୁ ଉଦ୍ୟମ କରାଯିବା ସହ ଶିଶୁ ମଙ୍ଗଳ କମିଟିକୁ ଅନୁରୋଧ କରାଯାଇଥିବା ଜଣାପଡିଛି ।

ଅଭିଯୁକ୍ତକୁ ଗିରଫ କଲା ମୁମ୍ବାଇ ପୁଲିସ

## ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତି ବୈଠକ



ବ୍ରହ୍ମପୁର,୭ ।୮ (ସମିସ): ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପକ୍ଷରୁ ସ୍ୱାୟତ୍ତ ଶାସନ ଦିବନ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡ଼େପୁଟି ମେୟର ଇ ବିବେକ ରେଡ୍ଡୀ, ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ଶିକେ, ଡ଼େପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ । ଚଳିତବର୍ଷ ସ୍ୱାୟତ୍ତ ଶାସନ ଦିବସ ପୂର୍ବବର୍ଷ ଭଳି ରିତିମତ ଭାବେ ପାଳନ ନେଇ ନିଷ୍ପତି ହୋଇଛି । ଏନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବା ନେଇ ଆଲୋଚନା କରାଯାଇଛି । ଚଳିତଥର ସ୍ୱାୟତ୍ତ ଶାସନ ଦିବସ ପାଳନ ନେଇ ୧୧ଟି କମିଟି ଗଠନ ହେବ । ଏହି କମିଟି ବିଭିନ୍ନ ବିଷୟରେ ନିଷ୍ପତି ନେବେ । ସେହିଭଳି ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ମେଳା, ଖେଳକୁଦ, ଖାଦ୍ୟ ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ନେଇ ଆଲୋଚନା ହୋଇଛି । ୱାଡର୍‌ସ୍ତରରେ ଏହାକୁ ପାଳନ କରିବା ନେଇ କିଛି କର୍ପୋରେଟର ବୈଠକରେ ମତବ୍ୟକ୍ତ କରିଥିଲେ । ଆଗାମୀ ବୈଠକରେ ସବିଶେଷ ଆଲୋଚନା ହେବ ବୋଲି ଜଣାଯାଇଛି ।

## ବାୟୋ କେମେଷ୍ଟ୍ରି ବିଭାଗର କର୍ମଶାଳା



ବ୍ରହ୍ମପୁର,୭ ।୮ (ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ବାୟୋ କେମେଷ୍ଟ୍ରି ବିଭାଗର ପକ୍ଷରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ନିରୁପମା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ଡିନ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଯୋଗ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମୁଖ୍ୟ ବକ୍ତା ଭାବେ ସମ୍ମାନିତ ଅତିଥି ଭାବେ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ସାଂଗଠନିକ ସମ୍ପାଦକ ଡ଼ା. ଲିପିକା ବେହେରା, ସୂର୍ଯ୍ୟ କୁମାର ନନ୍ଦ, ଏଣ୍ଡୋକ୍ରାଇନୋଲୋଜି ବିଭାଗର ମୁଖ୍ୟ ଡ଼ା ପି, ରବି କୁମାର ଓ ବରିଷ୍ଟ ପ୍ରସୂତୀ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡ଼ା. ଇନ୍ଦିରା ପାଳ ଯୋଗଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ପ୍ରଫେସର୍ ଡ଼ା. ବିଜୟଲକ୍ଷ୍ମୀ ନନ୍ଦ, ଡ଼ା. ସୁଧାଂଶୁ ଶେଖର ନନ୍ଦ ଓ ପ୍ରଫେସର ଡ଼ା. ସୁଚରିତା ମହାନ୍ତି ଉପସ୍ଥିତ ଥିଲେ । ଦମ୍ପତିଙ୍କ କାହିଁକି ଓ କେଉଁ କାରଣକୁ ନେଇ ସ୍ତ୍ରୀଙ୍କ ଗର୍ଭ ଧାରଣରେ ସମସ୍ୟା ସୃଷ୍ଟି ହେଉଛି । ସେ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହେଇଥିଲା । କାର୍ଯ୍ୟକ୍ରମରେ ପଥୋଲୋଜି ବିଭାର ମୁଖ୍ୟ ଡ଼ା. ସୁଲତା ଚୌଧୁରୀ, ଡ଼ା. ମନୋଜ କୁମାର ପାତ୍ର, ମାଇକ୍ରୋ ବାଇଲୋଜି ଡ଼ା. ସଂଘମିତ୍ରା ପାଢ଼ୀ, ଡ଼ା. ଭାରତୀ ମିଶ୍ର, ଅନୁରାଧା ମିଶ୍ର, ଡ଼ା. ବଳଗୋପଲ ବେହେରା ଓ ଡ଼ା. ଦୀପିକା ପାଢ଼ୀ ସମେତ ବହୁ ବରିଷ୍ଠ ଡାକ୍ତରଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ହସ୍ତତନ୍ତ ଦିବସ




ବ୍ରହ୍ମପୁର,୭ ।୮ (ସମିସ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳୀ ଦାସଙ୍କ ନିର୍ଦ୍ଦେଶକ୍ରମେ ଗୃହ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ ସସ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ ଜାତୀୟ ହସ୍ତତନ୍ତ ଶିଳ୍ପ ପାଳିତ ହୋଇଛି । ଏ ଅବସରରେ ଗୃହ ବିଜ୍ଞାନର ସମସ୍ତ ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାର ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରିବା ସହ ବିଶ୍ୱବିଦ୍ୟାଳୟ ପରିସରରେ ଶୋଭାଯାତ୍ରା କରିଥିଲେ । "କୁଟି ଖାଅ କାଟି ପିନ୍ଧ " ସ୍ଲୋଗାନ ଦେଇଥିଲେ । ସହକାରୀ ପ୍ରଫେସର ଅଲିତା ମିଞ୍ଜ, ମାନସି ମେହେର, ଅସ୍ମିତା ବେଉରା, ଛାତ୍ରୀ ନିକିତା ରାଣୀ ଭଞ୍ଜ, ନିର୍ଲିପ୍ତା ପ୍ରିୟଦର୍ଶନୀ, ମଧୁସ୍ମିତା ନାୟକ, ଛାତ୍ର ଇଜୁ ଅମିନ ଖାନ, ଏନ୍ କାମରାଜୁ ପାତ୍ର, ସୁବ୍ରତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଗୋପାଳପୁରରେ ପରିବହନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ



ବ୍ରହ୍ମପୁର,୭ ।୮ (ସମିସ): ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ଆହ୍ୱାନକ୍ରମେ ଛାତ୍ର ଓ ଯୁବ ବିଜୁ ଜନତା ଦଳ ପକ୍ଷରୁ ଗୋପାଳପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟରେ କ୍ୟାମ୍ପସ ଓ ନାରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ଦାବିରେ ପୁଲିସ ଡ଼ିଜିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଏନେଇ ଦଳ ପକ୍ଷରୁ ଗୋପାଳପୁର ଷଣ୍ଢଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରା ବାହାରି ଗୋପାଳପୁର ଥାନାରେ ପହଞ୍ଚିଥିଲା । ଗୋପାଳପୁର ଥାନା ସମ୍ମୁଖରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିସହିତ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ କୁଶ ପୁତ୍ତଳିକା ଦାହ କରିଥଲା ବିଜେଡ଼ି । ବିଜେପି ସରକାର ଆସିବା ପରେ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଛି । ଫଳରେ ଛାତ୍ରୀମାନେ ଅନ୍ୟ କୌଣସି ଉପାୟ ନ ପାଇ ଆତ୍ମହତ୍ୟା ଭଳି ପନ୍ଥାକୁ ବାଛି ନେଉଛନ୍ତି । ଯାହାର ସ୍ପଷ୍ଟ ଉଦାହରଣ ହେଉଛି ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଘଟଣା । ତେଣୁ କଲେଜ କ୍ୟାମ୍ପସରେ ସୁରକ୍ଷା ବ୍ୟବସ୍ଥାକୁ ବୃଦ୍ଧି କରିବା ସହିତ ଯେଉଁ କଲେଜ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ହେଉଛି । ସେହିକ୍ଷେତ୍ରରେ ପୁଲିସ ଆକ୍ଟିଭ ହୋଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରିଛନ୍ତି ବିଜେଡ଼ି ଛାତ୍ର ଓ ଯୁବ ଜନତା ଦଳର କର୍ମକର୍ତ୍ତା । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜେଡ଼ିର ବହୁ ବିଜେଡ଼ି ଯୁବ, ଛାତ୍ର ଓ ମହିଳା କର୍ମକର୍ତ୍ତା ସାମିଲ ହୋଇଥିଲେ । ବିକ୍ଷୋଭ ବେଳେ ବିଜେଡ଼ି ଯୁବ ସଭାପତି ଅଜିତ ପଣ୍ଡା, ଛାତ୍ର ସଭାପତି ଶୋଭନ ନାୟକ, ପ୍ରଶାନ୍ତ ପଣ୍ଡା, ରଙ୍ଗେଇଲୁଣ୍ଡା ଯୁବ ସଭାପତି ବିନୋଦ ମାହାଙ୍କୁଡ଼, ରଙ୍ଗେଇଲୁଣଡା ବ୍ଲକ ଛାତ୍ର ସଭାପତି ମିଲେନ୍ଦ୍ର ପ୍ରଧାନ ନେତୃତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ସଭାପତି ଅଜିତ ଦାସ, ବରିଷ୍ଠ ନେତା ଶଶିଭୂଷଣ ମହାନ୍ତି, ଭାରତୀ ନାୟକ, ଧର୍ମା ରେଡ଼୍ଡୀ, ପ୍ରବୀଣ କୁମାର, ଗୋପାଳପୁର ଏନଏସି ଅଧ୍ୟକ୍ଷ ଏ ଜାନକୀରାମ, ବ୍ଲକ ଉପାଧ୍ୟକ୍ଷା ଅନୀତା ମହାଙ୍କୁଡ଼, ରାମହରି ପାତ୍ର, ଏମ ଚନ୍ଦ୍ରଶେଖରଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ ।




## ଥାନାରେ ଏତଲା ଦେବାରୁ ମା'କୁ ମାରିଲା ପୁଅ | ନ୍ୟାୟ ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମା'

ବ୍ରହ୍ମପୁର,୭ ।୮ (ସମିସ): ପୁଅକୁ ଗିରଫ କରିବା ଦାବିରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି ମା' । ଥାନରେ ଏତଲା ଦେବାରୁ ମା'କୁ ପୁଅ ମାରିଥିବା ଅଭିଯୋଗ କରିଛନ୍ତି । ସୂଚନା ପ୍ରକାରେ ଗତ ୫ତାରିଖରେ ସଦରଥାନା ନଳିହାଡ଼ ଗାଁରେ ସୁଦେଷ୍ଣା ବିଷୋଇଙ୍କ ଧାନ ତଳିରେ ବିଷାକ୍ତ ଔଷଧ ପକାଇ ତଳି ନଷ୍ଟ କରିଥିଲା ତାଙ୍କ ସାନପୁଅ ଲକ୍ଷ୍ମୀକାନ୍ତ ସଂଗ୍ରାମ ସିଂ ଓରଫ ବାବୁଲା । ଏନେଇ ଥାନାରେ ଜଣାଇବାରୁ ମାକୁ ନିର୍ଦ୍ଦ୍ମ ଛେଚିଛି । ସଦର ଥାନା ପୁଲିସ ତଦନ୍ତ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି । ଏନେଇ ସୁଦେଷ୍ଣା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍‌ଙ୍କୁ ସାକ୍ଷାତ କରି ନ୍ୟାୟ ପାଇଁ ଗୁହାରି କରିଥିଲେ ।

## ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କଲେ ବିଜେଡି ସଭାପତି

ବ୍ରହ୍ମପୁର,୭ ।୮ (ସମିସ): ଗଜପତି ନଗର ସ୍ଥିତ କାର୍ଯ୍ୟାଳୟ ପରିସରରେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା ଦଳର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି । ଆଗାମୀ ଦିନରେ ସଂଗଠନର ଅଭିବୃଦ୍ଧି ସମ୍ପର୍କରେ ପରାମର୍ଶ ନେଇଛନ୍ତି ।



ଜିଲ୍ଲାରେ ତୃଣମୂଳ ସ୍ତରରୁ ଛାତ୍ର, ଯୁବ ମହିଳାଙ୍କୁ ପୁନଃ ସଂଗଠିତ କରି ଲୋକଙ୍କ ସ୍ୱରକୁ ଶାଣିତ କରିବା ନେଇ ଆଲୋଚନା କରିଛନ୍ତି । ଏହି ସମୟରେ ପୂର୍ବତନ ଜିଲ୍ଲା ସଭାପତି ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ନୂତନ ସଭାପତି ଶ୍ରୀ ପଣ୍ଡାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏନେଇ ଶ୍ରୀ ପଣ୍ଡା ତାଙ୍କ ଆର୍ଶୀବାଦ ମଧ୍ୟ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ସୋରଡ଼ାର ପୂର୍ବତନ ବିଧାୟକ ପୂର୍ଣ୍ଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

TPWODL
TP WESTERN ODISHA DISTRIBUTION LIMITED
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
TN.TPWODL/TP/O/SITC/2500001039 Date. 07.08.2025
TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :
**2 Year RC for SITC of 2 KVA UPS Along with Other Accessories.**
Interested bidders are to submit Tender Participation Fee and Authorization Letter through email on or before **18th August 2025, 18:00Hrs,** after which the link from e-Tender system shall be shared with them.
For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.
All future correspondence regarding the tender, bid submission, date extension etc. will take place with the participating bidders only through E-Tender system.
Sd/- Head-Contracts & Procurement

### ଅବ୍ୟବସ୍ଥାରେ ନୂଆପଦର ପ୍ରାଥମିକ ବିଦ୍ୟାଳୟ

# ହଷ୍ଟେଲ ଛାତରେ ପାଲ ପକାଇ ରହୁଛନ୍ତି ୪୦ ଛାତ୍ର






ଫିରିଙ୍ଗିଆ,୭।୮ (ସମିସ)

ଫିରିଙ୍ଗିଆ ବ୍ଲକ ନୂଆପଦରରେ ଥିବା ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ପରିଚାଳିତ ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ବହୁ ଅବ୍ୟବସ୍ଥାରେ ଗତି କରୁଛି। ବିଦ୍ୟାଳୟରେ ୧୩୩ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି। ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୪୦ ଜଣ ଛାତ୍ର ଅନ୍ତେବାସୀ ଭାବେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ବହୁ ପୁରାତନ ଏହି ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟର ଶ୍ରେଣୀ କକ୍ଷରେ ବର୍ଷାରେ ଛାତରୁ ପାଣି ଗଳୁଥିବା ବେଳେ ପାଚେରୀ ମଧ୍ୟ ଭଙ୍ଗା ଅବସ୍ଥାରେ ପଡ଼ିରହିଛି। ହଷ୍ଟେଲ ଗୃହ ତାହା ଠାରୁ ଅଧିକ ବଳି ପଡିଛି। ୧୫ ବର୍ଷରୁ ଅଧିକ ହେବ ଅବ୍ୟବସ୍ଥା ଜାରି ରହିଥିଲେ ମଧ୍ୟ କେହି ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଅଭିଭାବକ ଏସମ୍ପର୍କରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ହଷ୍ଟେଲରେ ପାଣି ଗଳି ଛାତ୍ରଙ୍କ ରହିବା ପାଇଁ ଅସୁବିଧା ହେଉଥିବା ବେଳେ ଭିତରେ ସନ୍ତସନ୍ତିଆ ହୋଇ ରହୁଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟ ହୋଇ ହଷ୍ଟେଲ ଛାତ ଉପରେ ଜରି ପାଲ ଟାଣି ଛାତ୍ରଙ୍କୁ ବିପଦପୂର୍ଣ୍ଣ ଭାବରେ ହଷ୍ଟେଲରେ ରଖିଛନ୍ତି। ବିଦ୍ୟାଳୟର ସମସ୍ୟା ଓ ପରିସ୍ଥିତିକୁ ଦୃଷ୍ଟି ଦେଇ ହଷ୍ଟେଲ ଓ ବିଦ୍ୟାଳୟ କୋଠରୀ ମରାମତି କରିବାକୁ ସଭାପତି ଘାସିରାମ କହଁର, ୱାର୍ଡ ମେମ୍ବର ମିଥିଳା ରାଜକୁମାରୀ କହଁର, ଅଭିଭାବକ କିଶୋର ସାହାଣୀ, ତ୍ରିଲୋଚନ ବେହେରା, ଯୁବଧନ ବେହେରା, ମଞ୍ଜୁ ବେହେରାଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି।

ଏସମ୍ପର୍କରେ ଦାୟିତ୍ୱରେ ଥିବା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଇପ୍ସିତା ଜେନାଙ୍କୁ ପଚାରିବାରୁ ବିଦ୍ୟାଳୟର ହଷ୍ଟେଲ ଗୃହ ଛାତ ଗଳୁଛି ଓ ସେ ନିଜେ ଯାଇ ସମସ୍ୟା ରହିଥିବା ଦେଖି ଆସିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଛାତ ଉପରେ ଜରି ପାଲ ଘୋଡାଇବାକୁ ସୂଚନା ଦେଇଛି। ଏହି ଘଟଣା ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବି ବୋଲି କହିବା ସହ ଏହାର ଶୀଘ୍ର ସମାଧାନ ପାଇଁ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ସ୍ଥାପନ ପାଇଁ ବିଡ଼ିଓଙ୍କୁ ଦାବିପତ୍ର



ରାୟଗଡ,୭।୮ (ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ସଦରମହକୁମାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ସ୍ଥାପନ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବିଡ଼ିଓ ସନ୍ତୋଷ କୁମାର ବାରିକ ଓ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି। ଗଜପତି ଜିଲ୍ଲା ଜଜ୍‌ଙ୍କ ପକ୍ଷରୁ ଗତବର୍ଷ ଅକ୍ଟୋବରରେ ରାୟଗଡ ବ୍ଲକ ସଦରମହକୁମାରେ ଜେଏମ୍‌ଏଫସି କୋର୍ଟ ସ୍ଥାପନ ପାଇଁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। କିନ୍ତୁ ଏଠାରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ବିଜ୍ଞପ୍ତି ପ୍ରକାଶର ୧୦ମାସ ପର୍ଯ୍ୟନ୍ତ ଉକ୍ତ ଅଦାଲତ କାର୍ଯ୍ୟକାରୀ ହୋଇ ନ ପାରିବାରୁ ଲୋକେ ପାଇବାକୁ ଥିବା ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତେଣୁ ଭିତ୍ତିଭୂମି ସ୍ଥିର ହେବା ପର୍ଯ୍ୟନ୍ତ ରାୟଗଡ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଖାଲି ପଡିଥିବା ଏକ ଦୁଇମହଲା କୋଠାରେ ଅଦାଲତକୁ ଅସ୍ଥାୟୀ ଭାବେ ପରିଚାଳନା କରିବାକୁ ଆଇନଜୀବୀ ସନ୍ଦୀପ କୁମାର ପଟନାୟକ, ରମେଶ ଚନ୍ଦ୍ର ନାୟକ ଓ ଉଦିତ ବାବୁ ବିଡ଼ିଓ ଶ୍ରୀ ବାରିକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହ ବୁଧବାର ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଗଜପତି ଜିଲ୍ଲା ଗସ୍ତ ସମୟରେ ଏଭଳି ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡିଛି।

## ପାଚିକା ଓ ସହାୟିକାଙ୍କୁ ମିଳୁନି ବକେୟା ପ୍ରାପ୍ୟ

କାଶୀନଗର,୭।୮ (ସମିସ): ଗଜପତି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିଥିବା ପାଚିକା ଓ ସହାୟିକାଙ୍କୁ ଗତ ଜୁନ୍ ୨୦୨୩ରେ ବକେୟା ପାରିଶ୍ରମିକ ମିଳିଥିଲା। ପାଚିକାମାନେ ୨୪ ମାସର ବକେୟା ବାବଦକୁ ୯,୬୦୦ ଟଙ୍କା ପାଇଥିବା ବେଳେ, ସହାୟିକାମାନେ ୩୬ ମାସର ବକେୟା ଭାବେ ୧୪, ୪୦୦ ଟଙ୍କା ପାଇଥିଲେ। କିନ୍ତୁ କାଶୀନଗର ବ୍ଲକ୍ ଓ ଏନ୍‌ଏସିର ୯ ଜଣ ପାଚିକା ଓ କୌଣସି ସହାୟିକାଙ୍କୁ ଏଯାଏଁ ଉକ୍ତ ବକେୟା ପାରିଶ୍ରମିକ ମିଳି ନାହିଁ। କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀ ଓ ଗଜପତି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କରେ ବାରମ୍ବାର ଜଣାଇବା ପରେବି ସୁଫଳ ନମିଳିବାରୁ ୨୦ ନଭେମ୍ବର ୨୦୨୩ରେ ସେମାନେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ୫ ଏପ୍ରିଲ୍ ୨୦୨୪ରେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ଓ ସେକ୍ରେଟାରୀଙ୍କୁ ପତ୍ର ଲେଖିବା ସହ ତାର ନକଲ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦେଇ ତୁରନ୍ତ ବକେୟା ପାରିଶ୍ରମିକ ଦେବାକୁ ନିବେଦନ କରିଥିଲେ। ଏଥିପାଇଁ ପିଏମ୍ ପୋଷଣ ରାଜ୍ୟ ନୋଡାଲ ଅଧିକାରୀ ଓ ଓଡ଼ିଶାର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବି ରହିଛି। ପ୍ରାୟ ୧୨ ବର୍ଷର ସଂଗ୍ରାମ ପରେ ମଧ୍ୟ ଉଲ୍ଲିଖିତ ପାଚିକା, ସହାୟିକା ବକେୟା ପାରିଶ୍ରମିକ ନପାଇବା ବ୍ୟବସ୍ଥାର ସମ୍ବେଦନଶୂନ୍ୟତାକୁ ସୂଚିତ କରୁଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। ଗଜପତିର ନୂତନ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସକାରାତ୍ମକ ପଦକ୍ଷେପ ନେବେ ବୋଲି ଆଶା ପୋଷଣ କରାଯାଇଛି। କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ୨୪ ନଭେମ୍ବର ୨୦୦୯ ରୁ ୧ ଏପ୍ରିଲ୍ ୨୦୧୨ ଭିତରେ କାର୍ଯ୍ୟରତ ପାଚିକା, ସହାୟିକାମାନଙ୍କ ସମ୍ପର୍କରେ ସମ୍ଭବତଃ ଭୁଲ୍ ତଥ୍ୟ ରାଜ୍ୟ ପ୍ରଶାସନକୁ ଦେଇଥିବା କାରଣରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି କୁହାଯାଇଛି।

### କାଶୀନଗର ଏନ୍‌ଏସି ସାଧାରଣ ବୈଠକ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଧାରୁ ତଡ଼ିଦେଲେ



କାଶୀନଗର,୭।୮ (ସମିସ): ଗଜପତି ଜିଲ୍ଲା କାଶୀନଗର ଏନ୍‌ଏସିର ଅସ୍ଥାୟୀ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଏମ୍.ସୁଧାରାଣୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ନିର୍ବାହୀ ଅଧିକାରୀ ଭଗବତ ସାହୁ, ସହକାରୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ମଞ୍ଚାସୀନ ଥିବାବେଳେ ଅଧିକାଂଶ କାଉନସିଲର ଆଲୋଚନାରେ ଭାଗ ନେଇଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ସିଇଓ ଉଜ୍ଜଳତା ସୁଆଲସିଂ। ଶିବ ପ୍ରସାଦ ମହାକୁଡ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ପ୍ରତି ମାସରେ ସାଧାରଣ ବୈଠକ ଡକାଯିବାର ବ୍ୟବସ୍ଥା ଥିବାବେଳେ କାହିଁକି ନିୟମିତ ବ୍ୟବଧାନରେ ବୈଠକ ହେଉନାହିଁ ବାଲି ପ୍ରଶ୍ନ ଉଠିଥିଲା। କାଉନସିଲର କେ.ରାମାରାଓ ଓ କେ ଜୀବରତ୍ନମ୍ ପ୍ରତି ମାସରେ ବୈଠକ ଡାକିବାକୁ ଦାବି କରିଥିଲେ। ପରେ ହଠାତ ବୈଠକ ଛାଡି ଚାଲିଯିବାକୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଧ୍ୟକ୍ଷାଙ୍କ ପକ୍ଷରୁ କୁହାଯାଇଥିଲା। ଯଦି ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଆବଶ୍ୟକତା ନଥିଲା ତେବେ କାହିଁକି ଡକା ଯାଇଥିଲା ବୋଲି କାଶୀନଗର ପ୍ରେସ୍ କ୍ଲବ୍ ସଭାପତି ରାଜେଶ ମିସାଲ ଅଧ୍ୟକ୍ଷାଙ୍କୁ ପ୍ରଶ୍ନ କରିଥିଲେ ଓ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧି ବୈଠକ ଛାଡି ବାହାରକୁ ଚାଲି ଆସିଥିଲେ।

ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ଏନଏସି କାର୍ଯ୍ୟାଳୟ କର୍ମଚାରୀ କାଶୀନଗର ପ୍ରେସ କ୍ଲବକୁ ସୂଚନା ଦେଇଥିଲେ ଆସନ୍ତାକାଲି ହେବାକୁ ଥିବା କାଉନସିଲ ସାଧାରଣ ବୈଠକରେ ସମସ୍ତ ସାମ୍ବାଦିକ ଉପସ୍ଥିତ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ଏନଏସି ଅଧ୍ୟକ୍ଷା ନିଜେ ସାମ୍ବାଦିକ ମାନଙ୍କୁ ଉକ୍ତ ବୈଠକରେ ଉପସ୍ଥିତ ହେବା ନେଇ କହିବା ପରେ ଏହିପରି ବ୍ୟବହାର ନିନ୍ଦନୀୟ ବୋଲି କାଶୀନଗର ପ୍ରେସ କ୍ଲବ ସାମ୍ବାଦିକ କହିଛନ୍ତି। ପରବର୍ତ୍ତୀ ସମୟରେ ଅଧ୍ୟକ୍ଷା କହିଥିଲେ ଯେ, ନିଜ ଇଚ୍ଛାରେ ନୁହେଁ, ବିଧାୟକଙ୍କ କହିବା ଅନୁସାରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବୈଠକ ଛାଡିବାକୁ ଜଣାଇଥିଲେ ଓ ସେଥିପାଇଁ ଦୁଃଖିତ। ବୈଠକରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରତି ଯେଭଳି ବ୍ୟବହାର କରାଗଲା, ତାହା ଅତ୍ୟନ୍ତ ଅପମାନଜନକ ଓ ନିନ୍ଦନୀୟ ବୋଲି ବରିଷ୍ଠ ସାମ୍ବାଦିକ ତଥା ପ୍ରେସ୍ କ୍ଲବ୍ ଉପଦେଷ୍ଟା ପ୍ରଶାନ୍ତ ମିଶ୍ର କହିଛନ୍ତି।

ଉକ୍ତ ଘଟଣାକୁ ନେଇ କାଶୀନଗର ପ୍ରେସ କ୍ଲବ ପକ୍ଷରୁ ନିନ୍ଦା କରାଯାଇଛି। ଏ ଭଳି ଘଟଣା ଯୋଗୁଁ ଏନ୍‌ଏସି ଦ୍ୱାରା ଆୟୋଜିତ କୌଣସି କାର୍ଯ୍ୟକ୍ରମରେ ଯୋଗ ନଦେବା ପାଇଁ କାଶୀନଗର ପ୍ରେସ୍ କ୍ଲବ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ମହିଳା ପତଞ୍ଜଳୀ ଯୋଗ ସମିତି ପୁନର୍ଗଠନ



ଜି.ଉଦୟଗିରି,୭।୮ (ସମିସ): ଜି.ଉଦୟଗିରି ଜଗନ୍ନାଥ ମନ୍ଦିର ନିକଟ ଦିବ୍ୟ ଜୀବନ ସଂଘ ପରିସରରେ ମହିଳା ପତଞ୍ଜଳୀ ଯୋଗ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା ପ୍ରଭାରୀ ଜେ. ଗିରିଜା ଦେବୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କନ୍ଧମାଳ ଜିଲ୍ଲାର ପ୍ରତ୍ୟେକ ଗ୍ରାମ ଓ ଅନୁଷ୍ଠାନରେ ଯୋଗର ପ୍ରଚାର ପ୍ରସାର ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାଧନା ଦାସ ଜିଲ୍ଲାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ପୁରୋହିତ ଯୋଗାଭ୍ୟାସ ଦ୍ୱାରା ଦେଶ ବିଶ୍ୱଗୁରୁ ହେବା ସମ୍ଭବ ବୋଲି କହିଥିଲେ। ଜିଲ୍ଲା ପ୍ରଭାରୀ ଶ୍ୟାମସୁନ୍ଦର ପଣ୍ଡା ବିଭିନ୍ନ ଯୋଗ ଶିବିର ଓ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରିଥିଲେ। ମହିଳା ପତଞ୍ଜଳୀ ଯୋଗ ସମିତି ପୁନର୍ଗଠନ ହୋଇଥିଲା। ଏଥିରେ ଜିଲ୍ଲା ମହିଳା ପ୍ରଭାରୀ ଭାବେ ଜ୍ୟୋତ୍ସ୍ନାରାଣୀ ସାଥୁଆ, ମହାମନ୍ତ୍ରୀ ସୌଦାମିନୀ ନାୟକ, ସଂଗଠନ ମନ୍ତ୍ରୀ ମଙ୍ଗଳା ସାହୁ, କୋଷାଧ୍ୟକ୍ଷ ଅହଲ୍ୟା ସାହୁ, ସୋସିଆଲ ମିଡିଆ ପ୍ରଭାରୀ ସସ୍ମିତା ମୁଦୁଲି, ଯୁବତୀ ପ୍ରଭାରୀ କଳ୍ପନା ଦିଗାଲ, କାର୍ଯ୍ୟକାରୀ ସଦସ୍ୟ ଭାବେ ଗାୟତ୍ରୀ ପ୍ରଧାନ, ଅନୁସୟା ରାଜଗୁରୁ, କଳ୍ପନା ଦିଗାଲ, ପ୍ରତିମା ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। ଆସନ୍ତା ଦିନରେ ଫୁଲବାଣୀର ୪ ସ୍ଥାନରେ ଯୋଗ ଶିବିର ଆରମ୍ଭ ହେବ। ତହସିଲର ବିଭିନ୍ନ ସ୍ଥାନରେ ଯୋଗ ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆସନ୍ତା ଦଶହରା ପୂର୍ବରୁ ଜିଲ୍ଲାରେ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ସଂକଳ୍ପ ନିଆଯାଇଥିଲା।

## ଅଙ୍ଗଦାନ କରି ଅମର ହେଲେ ଲେଙ୍କା ରାବଣାମ୍ମା



ପାରଳାଖେମୁଣ୍ଡି,୭।୮ (ସମିସ): ଗଜପତି ଜିଲ୍ଲାରେ ମୃତ୍ୟୁପରେ ଅଙ୍ଗଦାନ କରି ଆଉଜଣେ ଅମର ହୋଇଛନ୍ତି। ଅଙ୍ଗଦାନ କରିଛନ୍ତି ଜଣେ ମହିଳା। ସେ ହେଲେ ଜିଲ୍ଲାର ପ୍ରଥମ ମହିଳା ଅଙ୍ଗଦାନକାରୀ। ଗଜପତି ଜିଲ୍ଲା କାଶୀନଗର ବ୍ଲକ ତଥା ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ରାଣୀପେଣ୍ଠ ଗ୍ରାମର ଲେଙ୍କା ରାବଣାମ୍ମା(୫୩)। ରାବଣାମ୍ମା ତାଙ୍କ ସ୍ୱାମୀ ଲେଙ୍କା ଆପାନ୍ନାଙ୍କ ସହ ୪ ଦିନ ପୂର୍ବେ ବାଇକ୍‌ରେ ଯାଉଥିବାବେଳେ ଏକ ଯାତ୍ରୀବାହୀ ବସ୍ ଦ୍ରୁତଗତିରେ ଚାଲିଯିବାରୁ ଭାରସାମ୍ୟ ହରାଇ ଖସିପଡିଥିଲେ। ତାଙ୍କୁ ପ୍ରଥମେ ପାରଳାଖେମୁଣ୍ଡି ଓ ପରେ ଶ୍ରୀକାକୁଲମ୍‌ର ଏକ ଘରୋଇ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରାବଣାମ୍ମା କୋମାକୁ ଚାଲିଯାଇଥିବାରୁ ଡାକ୍ତରମାନେ ତାଙ୍କ ବଞ୍ଚିବା ଆଶା କ୍ଷୀଣ ବୋଲି ପରିବାରବର୍ଗଙ୍କୁ କହିଥିଲେ। ସେ ସମୟରେ ପରିବାରବର୍ଗ ରାବଣାମ୍ମାଙ୍କ ଅଙ୍ଗଦାନ କରିବାକୁ ମନସ୍ଥ କରିଥିଲେ। ରାବଣାମ୍ମା ବୁଧବାର ଆଖିବୁଜିବା ପରେ ପରିବାରବର୍ଗ ରାବଣାମ୍ମାଙ୍କ ଦୁଇଟି ବୃକକ୍, ଯକୃତ, ଚକ୍ଷୁ, ଫୁସ୍‌ଫୁସ୍ ଦାନ କରିଥିଲେ। ଯାହାକୁ ନେଇ ଉଭୟ ଆନ୍ଧ୍ରପ୍ରଦେଶ ଓ ଗଜପତି ଜିଲ୍ଲାରେ ପ୍ରଶଂସା କରାଯିବା ସହ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଆଜି ତାଙ୍କ ମରଶରୀରକୁ ପାରଳାଖେମୁଣ୍ଡି ସୀମାନ୍ତରୁ ଏକ ବାଇକ୍ ଶୋଭାଯାତ୍ରାରେ ପାରଳାଖେମୁଣ୍ଡି ସହର ମଧ୍ୟ ଦେଇ ରାଣୀପେଣ୍ଠ ନିଆଯାଇଥିଲା। ଶେଷକୃତ୍ୟ ପୂର୍ବରୁ ଗଜପତି ପ୍ରଶାସନ ଓ ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା।

## ବିଏସ୍‌ଏଫ୍ ଯବାନ ଓ ବାରଖମା ଯୁବକଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍




ବାଲିଗୁଡ଼ା,୭।୮ (ସମିସ): ବାଲିଗୁଡ଼ା ଥାନା ବାରଖମା ଅଞ୍ଚଳରେ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ୧୩୬ ବିଏସ୍‌ଏଫ୍ ବାଟାଲିୟନ ଯବାନ ଓ ବାରଖମା ଯୁବକଙ୍କ ମଧ୍ୟରେ ଆଜି ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ବାରଖମା ମେଡିକାଲ ଖେଳପଡିଆରେ ଅନୁଷ୍ଠିତ ହୋଇଥିଲା। ବିଏସଏଫ ବାଟାଲିୟନ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ କମାଣ୍ଡର ନିର୍ମଳ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଆଜି ଏହି ମ୍ୟାଚ ଲୋକସମ୍ପର୍କ ଓ ବନ୍ଧୁତା ସ୍ଥାପନ ନିମନ୍ତେ ଆୟୋଜନ କରାଯାଇଥିଲା। ମ୍ୟାଚରେ ବାଟାଲିୟନ ଯବାନ ଫୁଟବଲ୍ ଦଳ ୩-୦ ଗୋଲରେ ବାରଖମା ଫୁଟବଲ ଦଳକୁ ପରାସ୍ତ କରିଥିଲା। ଅଞ୍ଚଳର ସୁରକ୍ଷା ଦାୟିତ୍ୱରେ ଥିଲେ ମଧ୍ୟ ଅଳ୍ପ ସମୟ ବାହାର କରି ଅଞ୍ଚଳର ଲୋକ ଓ ଯୁବକଙ୍କ ସହ ବନ୍ଧୁତା ସ୍ଥାପନ ନିମନ୍ତେ ଏହିପରି ମ୍ୟାଚ କରାଯାଇଥିଲା ବୋଲି ଆସିଷ୍ଟାଣ୍ଟ କମାଣ୍ଡର ଶ୍ରୀ ଦାସ କହିଛନ୍ତି। ଆଗାମୀ ଦିନରେ ବିଭିନ୍ନ ବିଷୟରେ ସଚେତନତା, ମାଗଣା ସ୍ୱାସ୍ଥ୍ୟ ସେବା, ବିଭିନ୍ନ ଆବଶ୍ୟକ ଘରୋଇ ଉପକରଣ ବଣ୍ଟନ କରାଯିବ ବୋଲି କୁହାଯାଇଛି।

### ■ ସିବିଏସ୍‌ଇ ଜାତୀୟସ୍ତରୀୟ ଟାଏକ୍ୱୋଣ୍ଡୋ

## ଜିଲ୍ଲା ଟାଏକ୍ୱୋଣ୍ଡୋ ଛାତ୍ରୀଙ୍କ ସଫଳତା

ପାରଳାଖେମୁଣ୍ଡି,୭।୮ (ସମିସ): ଚଳିତ ବର୍ଷ ବେଙ୍ଗାଲୁରୁରେ ଜାତୀୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହା କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱାରା ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଗଜପତି ଜିଲ୍ଲା ଟାଏକ୍ୱୋଣ୍ଡୋ ଅନୁଷ୍ଠାନରେ ପ୍ରଶିକ୍ଷଣ ନେଉଥିବା ଏବଂ ଗଜପତି କେନ୍ଦ୍ର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦୁଇ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସୁବର୍ଣ୍ଣା ସାହୁ କାଂସ୍ୟ ପଦକ ହାସଲ କରି ସମ୍ମାନ ଆଣିଛନ୍ତି। ସୁବର୍ଣ୍ଣାଙ୍କ ଏହି ସଫଳତାକୁ ନେଇ ଜିଲ୍ଲା ଟାଏକ୍ୱୋଣ୍ଡୋ ଅନୁଷ୍ଠାନର ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।




## ବର୍ଷାରେ ଭାଙ୍ଗିଲା କାନ୍ଥ; ଭଙ୍ଗାଘରେ ୪ ପ୍ରାଣୀ କୁଟୁମ୍ବ

ଫିରିଙ୍ଗିଆ, ୭।୮ (ସମିସ): ଫିରିଙ୍ଗିଆ ବ୍ଲକରେ ଗତ କିଛିଦିନ ଧରି ବର୍ଷା ଲାଗି ରହିଛି। ବର୍ଷାରେ କେଳାପଡ଼ା ପଞ୍ଚାୟତ ବେହିଙ୍ଗିଆ ଗାଁର ଲଟରି କହଁରଙ୍କ ଘର କାନ୍ଥ ଭାଙ୍ଗି ପଡ଼ିଥିବାବେଳେ ଘରେ କେହି ନଥିବାରୁ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ମାଟି କାନ୍ଥ କରି ଦୀର୍ଘ ବର୍ଷରୁ ଘର ଖଣ୍ଡିଏ କରିଥିବା ବେଳେ ଟିଣ ଛପର ମଧ୍ୟ କରିଥିଲେ ଲଟରି। ଦୀର୍ଘ ବର୍ଷ ବିତିଯାଉଥିବାରୁ ସେହି ଟିଣ ଛପର ବର୍ତ୍ତମାନ ଭାଙ୍ଗିରୁଜି ଗଲାଣି। ଲଟରିଙ୍କ ପରିବାର କହିଲେ ସ୍ତ୍ରୀ ଏବଂ ପୁଅ ଓ ଝିଅ। ଏହି ୪ ପ୍ରାଣୀ ବର୍ତ୍ତମାନ କାନ୍ଥ ଭାଙ୍ଗିଯିବାରୁ ଅସହାୟ ଅବସ୍ଥାରେ ଭଙ୍ଗା କାନ୍ଥ ପଟେ ଏକ ଜରି ପାଲ କିଣି ଟାଣି ଅସୁବିଧାରେ



ବିପଦସଂକୁଳ ଅବସ୍ଥାରେ ରହୁଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ସୁବିଧା ମିଳିନାହିଁ। ପୂର୍ବରୁ ଲଟରି କହଁର ଆବାସ ଗୃହ ପାଇଁ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଭାବରେ ଆବେଦନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ଆବାସ ଗୃହ ଖଣ୍ଡିଏ ମିଳି ପାରିନାହିଁ। ସରକାରଙ୍କ ତରଫରୁ ଅସହାୟତାକୁ ଦୃଷ୍ଟିରେ ରଖି ସହାୟତା ପ୍ରଦାନ କରିବା ସହ ଆବାସ ଯୋଜନାରେ ଘର ଯୋଗାଇଦେଲେ ଉପକୃତ ହେବେ ବୋଲି ଲଟରି କହିଛନ୍ତି। ଅନ୍ୟପଟେ ତୁରନ୍ତ ତାଙ୍କୁ ଘର ଯୋଗାଇ ଦେବାକୁ ବେହିଙ୍ଗିଆ ଗ୍ରାମବାସୀ ଦାବି କରିଛନ୍ତି।

# ଅସହ୍ୟ ହେଲାଣି ହାତୀ ଉପଦ୍ରବ; ଉଜୁଡ଼ିଗଲାଣି ଜୀବନଜୀବିକା

ଜି.ଉଦୟଗିରି,୭।୮ (ସମିସ): ଜୀବନ ସୁରକ୍ଷିତ ନୁହେଁ। ଉଜୁଡି ଗଲାଣି ଜୀବିକା। ପ୍ରତି ମୁହୂର୍ତ୍ତରେ ହାତୀ ଭୟ। ଏମିତି ସଂକଟ ଭିତରେ ମାସ ପରେ ମାସ ବିତୁଛି, ହେଲେ ସମସ୍ୟାର ସମାଧାନ ହେଉନି। ହାତୀ ଭୟ ଯୋଗୁ ଜଙ୍ଗଲ ଯିବାକୁ ବାରଣ ଥିବାବେଳେ ଦିନରାତି ଏବେ ପରିବାର ସୁରକ୍ଷା ଚିନ୍ତା। ତେଣୁ ଲୋକଙ୍କ ସୁରକ୍ଷା ଓ ଜୀବନଜୀବିକା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜି.ଉଦୟଗିରି ବନାଞ୍ଚଳ ବିଭାଗ ଅଧୀନରେ ଥିବା ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସହିତ ଜିଲ୍ଲପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ୩ ବର୍ଷରୁ ଅଧିକ ହେଲା ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। କିଛି ଦିନ ହେଲା ଗୋଟିଏ ଦନ୍ତା ହାତୀ ହିଂସ୍ର ଅବସ୍ଥାରେ ପାଗଳ ହୋଇ ବୁଲୁଛି। ଦନ୍ତା ଆକ୍ରମଣରେ ୩ ଜଣଙ୍କ ଜୀବନ ଯିବା ସହିତ ୫ ଗାଈ ମଲେଣି। ଏଭଳି ସ୍ଥିତି ଯୋଗୁ ଅଞ୍ଚଳର ପ୍ରାୟ ୫୦ ହଜାରରୁ ଅଧିକ ଲୋକ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଲୋକଙ୍କ ଜୀବନ ଜୀବିକା ଉପରେ ଏହାର ପ୍ରଭାବ




ପରିଲକ୍ଷିତ ହେଉଛି। ପାଗଳ ଦନ୍ତା ହାତୀ ଭୟ ଯୋଗୁ ଲୋକେ ଚାଷବାସ କିମ୍ବା ବାଡ଼ିବଗିଚାରେ କୌଣସି କୃଷି କାର୍ଯ୍ୟ କରିପାରୁନାହାନ୍ତି। ସମସ୍ତଙ୍କ ଘରେ ଗ୍ୟାସ ନଥିବା କାରଣରୁ ଲୋକେ ଜଙ୍ଗଲକୁ ଯାଇ ଜାଳେଣି କାଠ କିମ୍ବା ବନ୍ୟଦ୍ରବ୍ୟ ସଂଗ୍ରହ କରିପାରୁନାହାନ୍ତି। ଏଥିଯୋଗୁ ଲୋକେ ବଞ୍ଚିବା କଷ୍ଟକର ହୋଇପଡୁଛି। ପାଗଳ ଦନ୍ତା ହାତୀକୁ ନିୟନ୍ତ୍ରଣ ନିମନ୍ତେ ବର୍ତ୍ତମାନ ବନ ବିଭାଗର ପ୍ରାୟ ୭୦ ଜଣ ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ଦିନ ରାତି ଅକ୍ଲାନ୍ତ ପରିଶ୍ରମ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଜୀବନ ଜୀବିକା ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଦେବାକୁ ହାତୀ ଉପଦ୍ରବରେ ପ୍ରଭାବିତ ଲୋକେ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

ପାଗଳ ଦନ୍ତା ହାତୀକୁ ତୁରନ୍ତ ସୁରକ୍ଷିତ ଭାବେ ଅନ୍ୟତ୍ର ସ୍ଥାନାନ୍ତର, ହାତୀ ଓ ଅନ୍ୟାନ୍ୟ ବନ୍ୟ ଜନ୍ତୁଙ୍କ ଗତିବିଧି ଲକ୍ଷ୍ୟ କରିବା ଓ ଅଞ୍ଚଳବାସୀଙ୍କ ସୁରକ୍ଷା ନିମନ୍ତେ ଫୁଲବାଣୀ ବନଖଣ୍ଡ ବିଭାଗରେ ଏକ ସ୍ୱତନ୍ତ୍ର ସ୍ଥାୟୀ ରାପିଡ ରେସପନ୍ସ ଟିମ ଓ ଥର୍ମାଲ ଡ୍ରୋନ ନିୟୋଜିତ, ଅଧିକ ହାତୀ ଉପଦ୍ରବ କିମ୍ବା ଜଙ୍ଗଲୀ ଜନ୍ତୁ ଉପଦ୍ରବ କରୁଥିବା ଜଙ୍ଗଲ ନିକଟରେ ଥିବା ଜନବସତି ଗ୍ରାମ ଗୁଡ଼ିକୁ ଚିହ୍ନଟ କରି ସୋଲାର ଲାଇଟ୍ ଲଗାଇବା ବ୍ୟବସ୍ଥା, ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ, ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କଜ ନିମନ୍ତେ ହାତୀ ଓ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ସ୍ୱତନ୍ତ୍ର ଟର୍ଚ୍ଚ ଲାଇଟ୍ ଯୋଗାଇ ଦେବା ନିମନ୍ତେ ଅନୁରୋଧ କରାଯାଇଛି।

## ସରିଲା ଶ୍ରାବଣ; ବର୍ଷା ଗାଏବ୍

ଭଞ୍ଜନଗର, ୭।୮ (ସମିସ)

ଚଳିତ ବର୍ଷ ମୌସୁମୀ ବର୍ଷା ସ୍ୱାଭାବିକ ରହିବ । ଚାଷ କାର୍ଯ୍ୟ ଭଲ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଥିଲା । ବିଗତ କିଛିଦିନରେ ପାଣିପାଗକୁ ଅନୁମାନ କଲେ ଏହା ଓଲଟା ହେଲା ଭଳି ଲାଗିଲାଣି । ଶ୍ରାବଣରେ ଲଗାଣ ବର୍ଷା ହେବା କଥା କିନ୍ତୁ ପାଣିପାଗରେ ବଡ଼ ପରିବର୍ତ୍ତନ ଘଟି ଗ୍ରୀଷ୍ମ ଭଳି ଅନୁଭବ ହେଉଛି । ୫ ଦିନ ହେବ ଭଞ୍ଜନଗର ଅଞ୍ଚଳରେ ତାପମାତ୍ରା ୩୨ ଡିଗ୍ରୀ ଥିବାବେଳେ ଟାଣ ଖରା ଯୋଗୁଁ ତାହା ୪୦ ଡିଗ୍ରୀ ଭଳି ଅନୁଭବ ହେଉଛି । ବିଗତ କିଛିବର୍ଷ ହେବ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଭଞ୍ଜନଗର ଅଞ୍ଚଳରେ ଆବଶ୍ୟକତା ଅନୁଯାୟୀ ବର୍ଷା ହେଉନାହିଁ । ଏହାର ପ୍ରଭାବ ଧାନ, ମସ୍ୟ ଚାଷ, ଚାରା ରୋପଣ ଉପରେ ପଡୁଛି । ବର୍ଷା ଠିକ୍ ଭାବେ ନ ହେବାରୁ ଜମିଗୁଡିକରେ ରୁଆ କାର୍ଯ୍ୟ ହୋଇପାରୁ ନାହିଁ । ଭଞ୍ଜନଗର ବ୍ଲକରେ ୨୪ ହଜାର ହେକ୍ଟର ଜମି ଅଛି । ସେଥିରୁ ୮ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଛି । ହେଲେ ବର୍ଷା ଅଭାବରୁ ଭଞ୍ଜନଗର, ଡହ, ସୋରଡ଼ା ଏବଂ ବାଘୁଆ ଜଳଭଣ୍ଡାର ଶୁଖିଲା ପଡ଼ିଛି । ଭଞ୍ଜନଗର, ସୋରଡ଼ା ଏବଂ ଡହ ଜଳଭଣ୍ଡାରରେ ୪୦ ପ୍ରତିଶତ ପାଣି ମହଜୁଦ ଥିବାବେଳେ ବାଘୁଆରେ ମାତ୍ର ୨୦ ପ୍ରତିଶତ ପାଣି ରହିଛି । ଏତେ କମ୍ ପାଣି ଥିବା ବେଳେ ବର୍ତ୍ତମାନ ଚାଷ କାର୍ଯ୍ୟକୁ ପାଣି ଛାଡ଼ିବା ପାଇଁ ଚାଷୀ ଦାବି କରୁଛନ୍ତି । ଅନ୍ୟପକ୍ଷେ କେନାଲ ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଚଳିତ ବର୍ଷ ୧୦୭ଟି ଟେଣ୍ଡର ହୋଇଛି । କିନ୍ତୁ କେଉଁଠି କାମ ହୋଇଛି ଆଉ କେଉଁଠି କାମ ହୋଇନି । ବର୍ଷା ପୂର୍ବରୁ କେନାଲ ମରାମତି ସରିବା କଥା । ଇତିମଧ୍ୟରେ ବର୍ଷା ଋତୁ ଅଧା ହେଲାଣି । ଅଥଚ କେନାଲ ସଫେଇ ପ୍ରତି ବିଭାଗ କେତେକ ସ୍ଥାନରେ ଆଦୌ ଦୃଷ୍ଟି ଦେଇନି । ଏନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏନେଇ ଜଳସମ୍ପଦ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଶ୍ରାବଣରେ ଆବଶ୍ୟକ ବର୍ଷା ନ ହେବାରୁ ସମସ୍ୟା ଉପୁଜିଛି । ଆଗକୁ ବର୍ଷା ନ ହେଲେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେବ । ଯେଉଁଠି କେନାଲ ମରାମତି ହୋଇନାହିଁ ତାହା କିଭଳି ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି । ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

## ଶ୍ରାବଣରେ ବୈଶାଖ ତାତି; ଚାଷ ପ୍ରଭାବିତ

କୋଦଳା, ୭।୮ (ସମିସ): ଶ୍ରାବଣରେ ବୈଶାଖର ତାତି । ବର୍ଷାର ଦେଖା ନାହିଁ । ଚାଷ ଜମି ଶୁଖି ଆଁ କରିଛି । ଦୀର୍ଘ ୧୦ ଦିନ ପୂର୍ବରୁ ଟିକେ ଭଲ ବର୍ଷା ହେବା ପରେ ବେଗୁନିଆପଡ଼ା ବ୍ଲକ ଓ କୋଦଳା ଏନ୍ଏସିର ଚାଷୀ ଭଲ ଚାଷ ହେବାନେଇ ଆଶା ରଖିଥିବାବେଳେ ଏବେ ଆଉ ବର୍ଷା ନ ହୋଇ ଟାଇଁ ଟାଇଁ ଖରା । ଫଳରେ ଧାନ ଚାଷ ଜମି ଫାଟି ଆଁ ହୋଇଯାଇଛି । ଏବେ ତଳି ବଡ଼ ହୋଇଯାଇଥିବା ବେଳେ ତଳି ଭାଙ୍ଗିବା ପାଇଁ ପାଣି ମିଳୁନି । ଯଦି କେଉଁ ଖାଲ ଖମାରେ ପାଣି ଟିକେ ଅଛି ତାକୁ ଯେନ ତେନ ପ୍ରକାରେ ତଳି ଘରାକୁ ନେଇ ତଳି ଭାଙ୍ଗି ଧାନ ରୁଆ କାର୍ଯ୍ୟ ସାରୁଥିବା ଦେଖିବାକୁ ମିଳୁଛି । ଚଳିତ ବର୍ଷ ବେଗୁନିଆପଡ଼ା ବ୍ଲକର ୯୩୩୫ ହେକ୍ଟର ଜମିରେ ଧାନ ଚାଷ ହୋଇଛି । ବ୍ଲକର ମୋଟ ୨୩ ପଞ୍ଚାୟତର ଅଧିକାଂଶ ଜମି ଜଳସେଚନ ଉପରେ ନିର୍ଭର କରୁଥିବା ବେଳେ ବିଭିନ୍ନ ଉଠା ଜଳସେଚନ ପଏଣ୍ଟ ମଧ୍ୟ ଭଲଭାବେ କାର୍ଯ୍ୟ କରୁନି । ଅପରପକ୍ଷରେ ଶାଳିଆ କେନାଲରେ ଯେଉଁ ପାଣି ଆସୁଛି କେନାଲ ସଫା ନଥିବାରୁ ଜମିରେ ପହଞ୍ଚି ପାରୁନି । ବହୁ ପଞ୍ଚାୟତର ବିଭିନ୍ନ ଜମିରେ ଆଦୌ ପାଣି ପହଞ୍ଚି ପାରୁନଥିବାରୁ ଧାନ ଗଛ ମରିଯିବାକୁ ବସିଲାଣି । ଖାଲି ସେହି ଗ୍ରାମ ନୁହେଁ ବ୍ଲକର ବିଭିନ୍ନ ଗ୍ରାମରେ ଚାଷୀଙ୍କ ଧାନ ଜମିରେ ଏପରି ଅବସ୍ଥା । ବ୍ଲକର ତାଳସର, ବଡଖଇର ଖମା, ଅଙ୍ଗାରଗାଁ, ସୁମଣ୍ଡଳ, ଚିଙ୍ଗୁଡ଼ି ଖୋଲ, ଚନ୍ଦନପୁର, କେ.ବରିଡା, ମର୍ଦ୍ଦକୋଟ, ମର୍ଦ୍ଦମେଖ, ସାନ ଉସ୍ତାପଡ଼ା, ବେରୁହାଁବାଡ଼ି, ଫାଶୀ, ଦିଗାପଡ଼ା, ବେଗୁନିଆପଡ଼ା, ସଂକୁଡା, ଷଣ୍ମୂଳ, ଖଣ୍ଡିଆନଈ, ଘୋଡାପଡ଼ା, ମଠସରସିଂ, ଏସ୍. ଛଚିନା, କାଳୀମେଘି, କୁମ୍ଭାର ଗାଁ, ସମେତ କୋଦଳା ଏନ୍ଏସିର ୬୦ ପ୍ରତିଶତ ଜମି ଖାଲ ଅଞ୍ଚଳରେ ଥିବାବେଳେ ଆଉ ୪୦ ପ୍ରତିଶତ ଜମି ଢ଼େପରେ ରହିଛି । ସେପଟେ କୋଦଳା ସମେତ ଫାଶୀ ପଞ୍ଚାୟତର ସିଂହ ଭାଗ ଧାନ ଜମି ଖରାଖରୀ ନଦୀ ତଟରେ ଥିଲେ ବି ଏବେ ପାଣି ସ୍ତର କମିଯାଇଛି । ଏହା ସହିତ ବଡ଼ ଖଇରଖମା ପଞ୍ଚାୟତର ଅଳ୍ପ ଜମି ଏହି ନଦୀର ତଟ ଦେଶରେ ଥିବାରୁ ବଢ଼ିରେ ଧାନ ଫସଲ କ୍ଷତିଗ୍ରସ୍ତ ହେଉଥିବା ବେଳେ ବର୍ତ୍ତମାନ ପାଣି କମିଯାଇଛି । କିନ୍ତୁ ବର୍ଷା ନହେବାରୁ ଧାନ ଜମିର ଅବସ୍ଥା ଖରାପ ହେବାକୁ ଗଲାଣି । ଏଭଳି ସ୍ଥିତିରେ କେବଳ ଭଗବାନ ଭରସା ବୋଲି କହୁଛନ୍ତି ଚାଷୀ ।



## ଗଞ୍ଜାମ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଗଞ୍ଜାମ, ୭।୮ (ସମିସ): ଗଞ୍ଜାମ ମହାବିଦ୍ୟାଳୟ ଅଡିଟୋରିୟମ ହଲ୍‌ରେ ଗୁରୁବାର ୫୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଛାତ୍ରଛାତ୍ରୀମାନେ ହିଁ ଦେଶର ଭବିଷ୍ୟତ ବୋଲି କହିଥିଲେ । ବିଶିଷ୍ଟ ବକ୍ତା ଭାବେ ପୂର୍ବତନ ବିଧାନସଭା ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଏନ୍ଏସି ଅଧ୍ୟକ୍ଷା ପ୍ରତିଭା ପାଢ଼ି, ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ସ୍ମରଣିକା ହୋତା ସଭାପତିତ୍ୱ କରିବା ସହ ଅତିଥି ପରିଚୟ ପ୍ରଦାନ କରି ମହାବିଦ୍ୟାଳୟରେ ଥିବା ବିଭିନ୍ନ ସମସ୍ୟା ନେଇ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୬୯ରେ ସ୍ଥାପିତ ଏହି ପୁରାତନ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାରେ ଜର୍ଜରିତ ହୋଇଥିବା ବେଳେ ରାଜନୀତି ଇଚ୍ଛା ଶକ୍ତି ଅଭାବରୁ ଅର୍ଥ ଶାସ୍ତ୍ରର ଅଧ୍ୟାପକ ଏବଂ ରାସାୟନିକ ବିଜ୍ଞାନ ଅଧ୍ୟାପକ ନଥିବା ନେଇ କ୍ଷୋଭ ପ୍ରକାଶ କରାଯାଇଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା ।



## ୫୦ ୟୁନିଟ୍ ରକ୍ତ ସଂଗୃହୀତ

ସୋରଡ଼ା, ୭।୮ (ସମିସ): ଗଞ୍ଜାମ ଜିଲ୍ଲା ସୋରଡ଼ା ଲାୟନ୍ସ କ୍ଲବ, କନ୍ଧୁଣି ଦେବୀ ସେବା ସଙ୍ଘ ଓ ଆଡପ ମଣ୍ଡପ ଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ସୋରଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିବା ବେଳେ କ୍ଲବ ସଭାପତି ତଥା ସୋରଡ଼ା ଏନ୍ଏସି ଅଧ୍ୟକ୍ଷ ଶିବଶଙ୍କର ପଣ୍ଡା, ସମ୍ପାଦକ ମହେଶ୍ୱର ସାହୁ, ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ନିର୍ଦ୍ଦେଶକ ବସନ୍ତ ସ୍ୱାଇଁ, ଫକୀର ମୋହନ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ଶିବ ପ୍ରସାଦ ଅଧିକାରୀ ଓ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ଶିବିରରେ ସହର ଯୁବକ ମାନେ 'ଗୋଟିଏ ରକ୍ତ ଚାରୋଟି ଜୀବନ' ଉଦ୍ଦେଶ୍ୟ ରଖି ସ୍ୱେଚ୍ଛାକୃତ ଭାବେ ଉତ୍ସାହର ସହିତ ଆସି ରକ୍ତଦାନ କରିଥିଲେ । ଏଥିରେ ୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

## ଯବାନଙ୍କ ଲାଗି ମଞ୍ଜି ରାକ୍ଷୀ ପଠାଇଲେ ମହିଳା

ଧରାକୋଟ, ୭।୮ (ସମିସ): ଧରାକୋଟ ବ୍ଲକ ମୁଣ୍ଡମରାଇ ସ୍ଥିତ କଳିଙ୍ଗ ବୈଶ ମହିଳା ସଂଘ ତରଫରୁ ସୀମାରେ କାର୍ଯ୍ୟରତ ବୀର ଯବାନଙ୍କ ପାଇଁ ବିଭିନ୍ନ ଫଳର ମଞ୍ଜିରୁ ତିଆରି ସ୍ୱତନ୍ତ୍ର ରାକ୍ଷୀ ପ୍ରେରଣ କରାଯାଇଛି । ସେହିପରି ସ୍ଥାନୀୟ ଧରାକୋଟ ଥାନାରେ କାର୍ଯ୍ୟରତ ପୁଲିସ, ଅଗ୍ନିଶମ, ବନ ବିଭାଗ, ଡାକ୍ତର ଭାଇ ଓ ଭଉଣୀଙ୍କୁ ମଧ୍ୟ ଏହି ସ୍ୱତନ୍ତ୍ର ରାକ୍ଷୀ ପ୍ରଦାନ କରାଯାଇଛି । ଯବାନଙ୍କ ଲାଗି ନିଜ ହାତରେ ତିଆରି ଫଳ ମଞ୍ଜିର ରାକ୍ଷୀ ଯାହାକି ପର୍ଯ୍ୟାବରଣକୁ ସୁରକ୍ଷା ପ୍ରଦାନ କରୁଥିବାରୁ କିଛି ଖାଦ୍ୟଯୁକ୍ତ ଫଳର ବିହନ ବା ମଞ୍ଜି ସାହାଯ୍ୟରେ ତିଆରି କରି ସମାଜକୁ ଉଚିତ ଓ ସ୍ୱତନ୍ତ୍ର ବାର୍ତ୍ତା ଦେବା ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି । ମହିଳା ସଂଘର ସଭାପତି ରୋଜା ସୁବୁଦ୍ଧି, ସମ୍ପାଦିକା ଭାଗ୍ୟଶ୍ରୀ ପାତ୍ର ଏବଂ ସଂଘର ଅନେକ ବରିଷ୍ଠ ମହିଳା ପ୍ରତିବର୍ଷ ଏଭଳି କାର୍ଯ୍ୟ କରି ଆସୁଛନ୍ତି ।



## ଦୁଇ ବାଇକ୍ ମୁହାଁମୁହିଁ, ୫ ଗୁରୁତର

ସୋରଡ଼ା, ୭।୮ (ସମିସ): ସୋରଡ଼ା ଥାନା ଜରାଉ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୫ ଜଣ ଗୁରୁତର ହେଇଛନ୍ତି । ସେଥି ମଧ୍ୟରୁ ୨ ଜଣ ହେଲେ ସୋରଡା ଥାନା ଶୋରିଷବିଲି ଗ୍ରାମର ଆଲୋକ ଗୌଡ଼ ଓ ଆଲୋକ ନାୟକ ଓ ଅନ୍ୟ ତିନିଜଣ ହେଲେ ସୋରଡା ସହର ଆଡ଼ପ ମଣ୍ଡପର ଗୋପାଳ ପାତ୍ର, ବ୍ରାହ୍ମଣ ସାହିର ସନ୍ତୋଷ କୁମାର ବେହେରା ଓ ଅନ୍ୟଜଣେ ଗାୟତ୍ରୀ ନଗରର ପି. ମାନସ ପାତ୍ର । ସନ୍ତୋଷ, ମାନସ ଗୋପାଳ ଏହି ତିନିଜଣ ଗୋଟିଏ ବାଇକ୍‌ରେ କଲେଜରୁ ଫେରୁଥିବା ବେଳେ ଶୋରିଷବିଲି ଗ୍ରାମର ଆଲୋକ ଗୌଡ଼ ଓ ଆଲୋକ ନାୟକ ଅନ୍ୟ ଏକ ବାଇକ୍‌ରେ ଯାଉଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ୫ଜଣ ଯାକ ଗୁରୁତର ହୋଇଥିଲେ । ସମସ୍ତ ଆହତଙ୍କୁ ପୁଲିସ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ସେଠାରେ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି । ସେହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ପହଞ୍ଚି ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ।

## ନାବାଳିକାକୁ ଅପହରଣ ଅଭିଯୋଗ

ଦିଗପହଣ୍ଡି, ୭।୮ (ସମିସ): ଦିଗପହଣ୍ଡି ଇଲାକାର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗ ହୋଇଛି । ନାବାଳିକାଙ୍କ ବାପା ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ମାମଲା ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି । ଗତ ରବିବାର ନାବାଳିକାଙ୍କ ବାପା ମା' ବାହାରକୁ ଯାଇଥିବାବେଳେ ସେ ଘରେ ଏକୁଟିଆ ଥିଲେ । ଅପରାହ୍ନ ପ୍ରାୟ ସାଢେ ୪ଟାରେ ଘରକୁ ବାପା ମା' ଫେରିବା ପରେ ଝିଅକୁ ପାଇନଥିଲେ । ନାବାଳିକାଙ୍କ ବାପା ଖୋଜା ଖୋଜି କରିବା ପରେ ମଧ୍ୟ ସନ୍ଧାନ ନମିଳିବାରୁ କେ.ନୂଆଗାଁ ଥାନା ଖମାରି ଗାଁ ପଞ୍ଚାୟତ ବାଇଗଣବାଡ଼ି ଗ୍ରାମର କାହ୍ନା ନାଇକ ତାଙ୍କ ଝିଅକୁ ନେଇଯାଇଥିବା ସାହିର ଜଣେ ମହିଳା ସୂଚନା ଦେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି । ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ ମଧ୍ୟ ଅପହୃତା ନାବାଳିକାଙ୍କ ସନ୍ଧାନ ମିଳିପାରିନାହିଁ ।

## ବ୍ଲକ ଆତ୍ମା ଅଧ୍ୟକ୍ଷ ହେଲେ ପ୍ରତାପ

ଜଗନ୍ନାଥପ୍ରସାଦ, ୭।୮ (ସମିସ): ଜଗନ୍ନାଥପ୍ରସାଦ ବ୍ଲକ ଆତ୍ମା ସଂସ୍ଥାର ପଞ୍ଚମ ଚେୟାରମ୍ୟାନ ଭାବେ ପ୍ରତାପ କୁମାର ପ୍ରଧାନ ମନୋନୀତ ହୋଇଛନ୍ତି । ଜଗନ୍ନାଥ ପ୍ରସାଦ ବ୍ଲକ ୨୫ ପଞ୍ଚାୟତରୁ ମନୋନୀତ ହୋଇଥିବା ୨୨ଜଣ ପରିଚାଳନା କମିଟି ମାନଙ୍କ ଉପସ୍ଥିତରେ କୃଷି ବିଭାଗ କାର୍ଯ୍ୟାଳୟ ଠାରେ କୃଷି ବୈଷୟିକ ପରିଚାଳନା ସଂସ୍ଥା ବା ଆତ୍ମାର ଚେୟାରମ୍ୟାନ ମନୋନୀତ କରିଛନ୍ତି । କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ମୋହନ ମଲ୍ଲିକ, ବ୍ଲକ କୃଷି ଅଧିକାରୀ ଦିବ୍ୟ ଚେତନା, ବ୍ଲକ ପ୍ରାଣୀ ଚିକିତ୍ସକ ନିହାର ରଞ୍ଜନ ସାମନ୍ତରାୟ, ସହକାରୀ ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ଅଙ୍କିତା ପ୍ରଧାନ, କୃଷି ଅଧିଦର୍ଶକ, ଗ୍ରାମ୍ୟ କୃଷି ଅଧିକାରୀ, ସହକାରୀ ବୈଷୟିକ ପରିଚାଳକ ଓ ବିଜେପି ସଦସ୍ୟଗଣ ଉପସ୍ଥିତ ରହିଥିଲେ ।



## ୧୧ରୁ ଅଗ୍ନିପଥ ନିଯୁକ୍ତି ରାଲି

ଛତ୍ରପୁର, ୭।୮ (ସମିସ): ଅଗ୍ନିପଥ ନିଯୁକ୍ତି ରାଲି ପାଇଁ ଗଞ୍ଜାମ, ଗଜପତି, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କର ୧୧ ଅଗଷ୍ଟରୁ ୧୭ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଗୋପାଳପୁର ମିଲିଟାରୀ ଷ୍ଟେସନ୍‌ଠାରେ ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଯେଉଁମାନେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ସେହି ପ୍ରାର୍ଥୀ ମାନଙ୍କର ଗୋପାଳପୁର ମିଲିଟାରୀ ଷ୍ଟେସନ୍‌ଠାରେ ଶାରୀରିକ ଫିଟନେସ୍ ଓ ଡାକ୍ତରୀ ପରୀକ୍ଷା କରାଯିବ । ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନଙ୍କର ଆଡମିଟ୍ କାର୍ଡ (ପ୍ରବେଶ ପତ୍ର) ସେମାନଙ୍କର ପଞ୍ଜିକୃତ ଇ-ମେଲ୍‌କୁ ପଠାଯାଇଛି । କୃତୀ ପ୍ରାର୍ଥୀମାନେ ସେମାନଙ୍କର ଆଡମିଟ୍ କାର୍ଡ ଭାରତୀୟ ସେନା ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ ମଧ୍ୟ କରି ପାରିବେ । ପ୍ରାର୍ଥୀମାନେ କୌଣସି ବିଷୟରେ ଜାଣିବା ପାଇଁ ଇଚ୍ଛୁକ ଥିଲେ ସହକାରୀ ରିକ୍ରୁଟ୍‌ମେଣ୍ଟ ଅଧିକାରୀ ଗୋପାଳପୁରଙ୍କ ନମ୍ବର-୦୬୮୦-୨୩୪୩୯୧୧ରେ ଯୋଗାଯୋଗ କରିପାରିବେ । ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନେ ନିଜର ଅସଲି ପ୍ରମାଣପତ୍ର ଅନ୍ୟ କାହାକୁ ହସ୍ତାନ୍ତର ନକରିବାକୁ ଏବଂ କୌଣସି ଦଲାଲମାନଙ୍କ ବଶୀଭୂତ ନହେବାକୁ ପରାମର୍ଶ ଦିଆଯାଇଛି ।

## ଜବରଦଖଲ ଉଚ୍ଛେଦ ପୂର୍ବରୁ ସ୍ଥଗିତାଦେଶ

ଭଞ୍ଜନଗର, ୭।୮ (ସମିସ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ରେଡ଼କ୍ରସ ରୋଡ଼୍‌ର ଗାୟତ୍ରୀ ମନ୍ଦିରକୁ ଲାଗି କେଦାରନାଥ ପାତ୍ର ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରୁଛନ୍ତି । ଉକ୍ତ କଲ୍ୟାଣ ମଣ୍ଡପରେ କିଛି ସରକାରୀ ଜମି ଜବରଦଖଲ ହୋଇଥିବା ସାହି ବାସିନ୍ଦା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାପରେ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟକୁ ଆଧାର କରି ତହସିଲଦାର ଜବରଦଖଲ ଉଚ୍ଛେଦ ପାଇଁ କେଦାରନାଥଙ୍କୁ ନୋଟିସ ପଠାଇଥିଲେ । କିନ୍ତୁ କେଦାର ନୋଟିସ ଗ୍ରହଣ କରି ନ ଥିଲେ । ଶେଷରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ବିବାଦୀୟ ଜମିରେ ଗତ ରବିବାର ନୋଟିସ ମରାଯାଇଥିଲା । ଏଥିସହ ଆସନ୍ତା ୭ ତାରିଖରେ ତାହାକୁ ଭାଙ୍ଗିବା ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିଲା । ହେଲେ ଏହା ପୂର୍ବରୁ କେଦାରନାଥ ଭଞ୍ଜନଗର ଉପଜିଲ୍ଲାପାଳଙ୍କ କୋର୍ଟରେ ନିଜ ପକ୍ଷ ରଖି ମାମଲା ଦାଖଲ କରିଥିଲେ । ତେଣୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି । ତେଣୁ ୭ ତାରିଖରେ ହେବାକୁ ଥିବା ଉଚ୍ଛେଦ କାର୍ଯ୍ୟ ସ୍ଥଗିତ ରଖାଯାଇଛି ବୋଲି ତହସିଲ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

• ଚିକିଟି ମଦମୃତ୍ୟୁ ଘଟଣା

## ଦାଖଲ ହୋଇନି ଗୋଟିଏ ବି ସତ୍ୟପାଠ

ଛତ୍ରପୁର, ୭।୮ (ସମିସ): ଗତବର୍ଷ ଅଗଷ୍ଟ ୧୯, ୨୦ ଏବଂ ୨୧ ତାରିଖରେ ଚିକିଟି ଅଞ୍ଚଳରେ ୫ ଜଣଙ୍କ ଜୀବନ ନେଇଥିଲା । ଏକାଧିକ ଅସୁସ୍ଥ ହୋଇଥିଲେ । ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ଏହାର ଗମ୍ଭୀରତାକୁ ବିଚାର କରି ରାଜସ୍ୱ ପର୍ଷଦଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଣୁ ଓଡ଼ିଶା କଟକ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟ ପକ୍ଷରୁ ଏହି ତଦନ୍ତ କେତକ ପ୍ରସଙ୍ଗ ଉପରେ ଆଧାରିତ କରିଛନ୍ତି । ଏହି ଦୁଃଖଦ ପରିଣତିର କାରଣ? ଏଥିପାଇଁ କେଉଁ ବ୍ୟକ୍ତି ବିଶେଷ ଦାୟୀ? ଅବକାରୀ/ପୁଲିସ ପ୍ରଶାସନର ତ୍ରୁଟି ଯୋଗୁଁ ଏହି ଦୁଃଖଦ ପରିଣତି ହେଲା କି? ଭବିଷ୍ୟତରେ ଏଭଳି ଦୁଃଖଦ ପରିଣତିର ପୁନରାବୃତ୍ତି ନ ହେବାକୁ ପ୍ରତିଷେଧମୂଳକ ପଦକ୍ଷେପ ନେବା ପାଇଁ ସୁପାରିଶ ପ୍ରମୁଖ ୪ଟି ପ୍ରସଙ୍ଗ ରଖାଯାଇଛି । ଯେଉଁ ବ୍ୟକ୍ତି ତଥା ଅନୁଷ୍ଠାନମାନଙ୍କର ପ୍ରତ୍ୟକ୍ଷ ଜ୍ଞାନ ଅଛି । ସେମାନେ ସତ୍ୟପାଠ ମାଧ୍ୟମରେ ଗଞ୍ଜାମ ଜିଲ୍ଲାପାଳଙ୍କ ନିକଟରେ ବ୍ୟକ୍ତିଗତ ଭାବରେ କିମ୍ବା ରେଜିଷ୍ଟ୍ରି ଡାକ ମାଧ୍ୟମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଦାଖଲ କରିପାରିବେ । ସତ୍ୟପାଠ ଦାଖଲର ଶେଷ ତାରିଖ ଚଳିତ ମାସ ୨୦ ତାରିଖ ଧାର୍ଯ୍ୟ କରାଯାଇଛି ବୋଲି ଗଲାମାସ ୨୯ରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ଏନେଇ ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟଦ୍ୱାର ନିକଟରେ ଏକ କକ୍ଷ ଖୋଲାଯାଇଛି । କିନ୍ତୁ ଆଜି ସୁଦ୍ଧା ଜଣେ ମଧ୍ୟ ବ୍ୟକ୍ତି କିମ୍ବା ଅନୁଷ୍ଠାନଙ୍କ ଠାରୁ ସତ୍ୟପାଠ ଜନିତ ଅଭିଯୋଗ ଦାଖଲ ହୋଇନାହିଁ ବୋଲି ଦାୟିତ୍ୱରେ ଥିବା ସହକାରୀ ଜିଲ୍ଲାପାଳ ଦୀପକ କୁମାର ଜେନା କହିଛନ୍ତି ।

## ରକ୍ଷାବନ୍ଧନ ଉତ୍ସବ ପାଳିତ

ପୋଲସରା, ୭।୮ (ସମିସ): ପୋଲସରା ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଶିବ ସନ୍ଦେଶୀ ଭବନରେ ମଙ୍ଗଳବାର ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମ କୁମାରୀ ରୀତା ଭଉଣୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପୋଲସରା ବ୍ରହ୍ମା କୁମାରୀ ବିଶ୍ୱବିଦ୍ୟାଳୟର ଭାଇ ଭଉଣୀ ଯୋଗ ଦେଇଥିଲେ । ବ୍ରହ୍ମାକୁମାରୀ ରୀତା ଭଉଣୀ ପରମାତ୍ମାଙ୍କ ପରିଚୟ ଓ ରକ୍ଷା ବନ୍ଧନର ମହତ୍ୱ ଅତି ସୁନ୍ଦର ଭାବରେ ବୁଝାଇଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ଭାଇମାନଙ୍କୁ ବ୍ରହ୍ମାକୁମାରୀ ଭଉଣୀମାନେ ରାକ୍ଷୀ ବାନ୍ଧି ସେମାନଙ୍କ ଦୀର୍ଘଜୀବନ ପାଇଁ ଶୁଭକାମନା କରିଥିଲେ । କାର୍ଯ୍ୟକ୍ରମରେ ବଳରାମ ଭାଇ, ଦୀପ୍ତି ଭଉଣୀ, ସୁନୀତା ଭଉଣୀ, ତପସ୍ୱିନୀ ଭଉଣୀ, ବବିତା ଭଉଣୀଙ୍କ ସମେତ ସମସ୍ତ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।

### ପେନ୍‌ସନ ଓ ଚାକିରି ସର୍ତ୍ତାବଳି ଦାବି

## ବେସରକାରୀ କଲେଜ କର୍ମଚାରୀ ସଂଘର ବିକ୍ଷୋଭ

ଛତ୍ରପୁର, ୭।୮ (ସମିସ)

ନିଖିଳ ଓଡ଼ିଶା ୬୬୨(+୨୦ +୩) ବର୍ଗ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖା ତରଫରୁ ପେନସନ ଓ ଚାକିରି ସର୍ତ୍ତାବଳି ଦାବି ନେଇ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହା ସହିତ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲା ସମ୍ପାଦକ ଶିଶିରକାନ୍ତ ବିଷୋୟୀ ଓ କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଜିଲ୍ଲାର ଏହି ବର୍ଗର ୪୨ଟି ମହାବିଦ୍ୟାଳୟର ଶତାଧିକ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସ୍ଥାନୀୟ କଲେଜ ଛକ ଠାରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚିଥିଲେ । ସେଠାରେ ସେମାନଙ୍କ ଦାବି ଗୁଡିକ ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ୧୬ ତାରିଖ ଦିନ ଭୁବନେଶ୍ୱରରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ଆନ୍ଦୋଳନ କରିବେ । ତଥାପି ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ଉପସଭାପତି ଦିଗାମ୍ବର ବିଷୋୟୀ, ସଂଯୁକ୍ତା ପଣ୍ଡା, ସସ୍ମିତା ସାମନ୍ତରାୟ, ଜିତେଶ ରାଓ ଦୋରା, ମାନସ ପଟ୍ଟନାୟକ, ମନୋଜ କୁମାର ତ୍ରିପାଠୀ, ପ୍ରଦୀପ କୁମାର ପରମଗୁରୁ ଓ ବିଭୁପ୍ରସାଦ ପାଢ଼ୀଙ୍କ ସମେତ ଜିଲ୍ଲାର ଏହି ବର୍ଗର ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।



## ଆବାସ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ

ରମ୍ଭା, ୭।୮ (ସମିସ): ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ରମ୍ଭା ଏନ୍ଏସି ମାନସୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ୭୪ ଜଣଙ୍କୁ ରାସନକାର୍ଡ ଓ ୩୭ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଉପାଧ୍ୟକ୍ଷ କାଳିଆ ତରେଇ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥି ପରିଚୟ, ସ୍ୱାଗତ ଭାଷଣ, ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ବିଭାଗୀୟ ଦପ୍ତର ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା । ଡ଼. ସରୋଜ ଦାଶ ସଭା ପରିଚାଳନା ଏବଂ ଧନ୍ୟବାଦ ଦେଇଥିଲେ । ସର୍ବନାମ ଦାଶ, ଦୀପକ କୁମାର ବିଶୋଇ, ଜେଇ ଲୋକନାଥ ପାଢ଼ୀ, ଜେଇ ମାନସ ରଞ୍ଜନ ପଣ୍ଡା, ସିଇଓ ପ୍ରଭାସିନୀ ନାୟକ କାର୍ଡ ବଣ୍ଟନରେ ସହଯୋଗ କରିଥିଲେ । କାଉନ୍ସିଲର ସାଗର ନାହାକ, ଡଲି ବେହେରା, ବନ୍ଦନା ଗୌଡ଼, ମଞ୍ଜୁଳା ସେଠୀ, ସରୋଜିନୀ ସେନାପତି, ଜ୍ୟୋତ୍ସ୍ନା ରାଣୀ ବେହେରା, ସ୍ୱଚ୍ଛ ସୁପରଭାଇଜର ଚାନ୍ଦିନୀ ବେହେରା, ସ୍ୱଚ୍ଛସାଥୀ ଉପସ୍ଥିତ ଥିଲେ । ଏଥିରେ ଏମ୍ଏଲ୍ଏ ପ୍ରତିନିଧି ମାନସ ନାହାକ, ସୀମାଞ୍ଚଳ ବାଡ଼ତ୍ୟା, ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, କାହ୍ନା ସ୍ୱାଇଁ, ରମ୍ଭା ଏନ୍ଏସିର କାର୍ଯ୍ୟରତ କର୍ମଚାରୀ ହେମନ୍ତ ରାଉତ, ମନୋଜ କୁମାର ସେନାପତି, ଦୀପକ ପ୍ରଧାନ, ମନୋଜ ପାଇକରାୟ, କାଳିଆ ନାୟକ, ନିରଞ୍ଜନ ନାୟକ ସହଯୋଗ କରିଥିଲେ ।



